# ମୁଖ ଢ଼ଗ ଘଷି



ରଘୁନାଥ ରଥ

# କୁଇ ଢ଼ଗ ପହଲି


ସଂକଳୟିତା

ରଘୁନାଥ ରଥ



ପ୍ରକାଶକ

ଫୁଲବାଣୀ ଗ୍ରାମ୍ୟ ଉନ୍ନୟନ ଓ ବୈଷୟିକ ସଂସ୍ଥା

ଘୁ.ଉଦୟଗିରି

# କୁଇ ଢଗ ପହଲି

*ସଂକଳୟିତା*

ରଘୁନାଥ ରଥ
ଶ୍ରୀରାମପଦା, ଘୁ.ଉଦୟଗିରି,
କନ୍ଧମାଳ - ୭୬୨୧୦୦

*ପ୍ରକାଶକ :*

ଫୁଲବାଣୀ ଗ୍ରାମ୍ୟ ଉନ୍ନୟନ
ଓ ବୈଷୟିକ ସଂସ୍ଥା,
ଘୁ.ଉଦୟଗିରି
କନ୍ଧମାଳ - ୭୬୨୧୦୦

*ପ୍ରକାଶ କାଳ :*

ରଥଯାତ୍ରା - ୨୦୦୦

*ଅକ୍ଷର ସଜ୍ଜା :*

ସ୍କାଡ୍ ଟେକ୍, ଘୁ.ଉଦୟଗିରି
କନ୍ଧମାଳ - ୭୬୨୧୦୦

*ମୂଲ୍ୟ - ଟ ୨୫.୦୦*
*( ପଚିଶ ଟଙ୍କା )*

**Kui Dhag Pahali**

(Proverbs & Riddles in Kui Language with Oriya Translation )

*Collected by*

**Raghu Nath Rath**
Sriram Pada, G.Udayagiri,
Kandhamal - 762100, Orissa.

*Publisher*

Phulbani Rural Development & Technology, G.Udayagiri,
Kandhamal - 762100, Orissa.

*Published on Ratha Yatra - 2000*

*Computer Type setting ( D.T.P. )*

SCAD Tech. G.Udayagiri,
Bandh Chalk, Kandhamal - 762100

*Price : Rs. 25.00 ( Twenty five Only )*

କୁଇ ଭାଷା ଭାଷୀ ସମସ୍ତ
ଭାଇଭଉଣୀଙ୍କ
ହାତରେ ଉତ୍ସର୍ଗ କଲି ।

# ପ୍ରକାଶକଙ୍କ ମନ୍ତବ୍ୟ

ଢ଼ଗଢ଼ମାଳିରେ ସଂସ୍କୃତିର ପ୍ରାଣ ସ୍ପନ୍ଦନ ନିହିତ ଥାଏ । ସେ ଗୁଡ଼ିକ ଅଶିକ୍ଷିତ ଗ୍ରାମ୍ୟ ଜନତାଙ୍କ ବୌଦ୍ଧିକ ଉନ୍ନତିରେ ସହାୟକ ହୋଇଥାଏ । ଏଣୁ ଢ଼ଗ ଢ଼ମାଳି ଗୁଡ଼ିକର ସଂଗ୍ରହ ଓ ସଂରକ୍ଷଣ ସର୍ବୋତଭାବେ ସ୍ୱାଗତ ଯୋଗ୍ୟ ।

ପ୍ରତ୍ୟେକ ଭାଷା ପରି କନ୍ଧମାନଙ୍କ କଥିତ କୁଇ ଭାଷାରେ ମଧ୍ୟ ବହୁ ଢ଼ଗ ଢ଼ମାଳି ଥିବା ଲକ୍ଷ୍ୟ କରାଯାଏ । ପ୍ରସଙ୍ଗ କ୍ରମେ ଜାଣିବାକୁ ପାଇଲି ଯେ ଶ୍ରୀ ରଘୁ ନାଥ ରଥ କୁଇ ଭାଷାରେ କେତେକ ଢ଼ଗଢ଼ମାଳି ସଂଗ୍ରହ କରିଛନ୍ତି । ତେଣୁ ସେଗୁଡ଼ିକ ପ୍ରକାଶ କରାଇ କନ୍ଧ ସଂପ୍ରଦାୟର ଭାଷା ଓ ସଂସ୍କୃତିର ସଂରକ୍ଷଣ କରିବା ନିମନ୍ତେ ମୋ ମନରେ ବଳବତୀ ଇଛା ପ୍ରକଟିତ ହେଲା । ତେଣୁ ସେଗୁଡ଼ିକର ପ୍ରକାଶ ଦାୟିତ୍ୱ ବହନ କଲି । ସେ ଗୁଡ଼ିକର ପ୍ରକାଶନ ପଛରେ ଥିବା ମୂଳ ଉଦ୍ଦେଶ୍ୟ ଗୁଡ଼ିକ ହେଲା :

କ. ଏହା ମୌଖିକ କୁଇ ଭାଷାର ଲିଖିତ ନିଦର୍ଶନ ରୂପେ ସଂରକ୍ଷିତ ହୋଇପାରିବ ।

ଖ. ଏହା ନୂତନ ପିଢ଼ୀର କୁଇ ଯୁବକ / ଯୁବତୀ ଙ୍କ ମଧ୍ୟରେ ସାଂସ୍କୃତିକ ସଚେତନତା ବୃଦ୍ଧି କରିବ ।

ଗ. ଅଣ ଆନୁଷ୍ଠାନିକ ଶିକ୍ଷାର୍ଥୀଙ୍କ ନିମନ୍ତେ ଏହା ସହାୟକ ହେବ ।

ଏହିପରି ବିବିଧ ଉଦ୍ଦେଶ୍ୟ ସାଧନ ନିମନ୍ତେ ଶ୍ରୀ ରଥଙ୍କ ଦ୍ୱାରା ସଂଗୃହୀତ ଓ ସଂପାଦିତ କୁଇ ଢ଼ଗଢ଼ମାଳି ଗୁଡ଼ିକର ପ୍ରକାଶନ ଏକାନ୍ତ ବାଞ୍ଛନୀୟ ମନେକରି ସେଗୁଡ଼ିକ ପ୍ରକାଶ କରାଗଲା । ଏହା ଦ୍ୱାରା କନ୍ଧ ସଂପ୍ରଦାୟ ମଧ୍ୟରେ ଯଦି କିଛି ସାଂସ୍କୃତିକ ସଚେତନତା ଜାଗ୍ରତ ହୁଏ, ତେବେ ଏହି ପ୍ରକାଶନ ସଫଳ ହୋଇଛି ବୋଲି ଜଣାଯିବ । ଶ୍ରୀ ରଥ ଙ୍କ ଏହି ସାଧୁ ଉଦ୍ୟମ ଜାରିରହୁ ଏବଂ ସେ କୁଇ ଭାଷାର ଉନ୍ନତି କଳ୍ପେ ଭବିଷ୍ୟତରେ ଅଧିକ ମନଯୋଗ କରନ୍ତୁ ବୋଲି କାମନା ।

ପ୍ରଦୀପ କୁମାର ଦାସ
ସହ ସଂପାଦକ

## ଅଭିମତ


"ଢ଼ଗଢ଼ମାଳି" ଉପସ୍ଥିତବୁଦ୍ଧି ଓ ବାସ୍ତବିକତାର ଇଙ୍ଗିତ ମୂଳକ ପରିପ୍ରକାଶ । ପ୍ରତ୍ୟେକ ସମାଜରେ, ପ୍ରତ୍ୟେକ ଭାଷାରେ ଢ଼ଗଢ଼ମାଳି ଗୁଡ଼ିକର ଗୁରୁତ୍ୱ ରହିଛି । ମହାପୁରୁଷ ମାନଙ୍କର ପ୍ରବଚନ ଯେଉଁ ଭଳି ମାନବ ସମାଜ ପାଇଁ ଚିରନ୍ତନ ଦିଗଦର୍ଶନ, ସେହିପରି ଢ଼ଗଢ଼ମାଳି ମଧ୍ୟ ଅନାମଧେୟ ଗାଉଁଲି ମେଧା ବ୍ୟକ୍ତିମାନଙ୍କ ବ୍ୟଙ୍ଗୋକ୍ତି ହେଲେ ହେଁ ସଂସ୍କାର ଦାୟକ ଓ ନୈମିତ୍ତିକ । 'କୁଇ' ଓଡ଼ିଶା ପ୍ରଦେଶର ସଂଖ୍ୟା ଗରିଷ୍ଠ କନ୍ଧ ଆଦିବାସୀ ସଂପ୍ରଦାୟର ଭାଷା ବା ବୋଲି । ଏହାର ବର୍ଣ୍ଣମାଳା ଓ ଭାଷାରସଂପ୍ରସାରଣ ହୋଇନଥିଲେ ମଧ୍ୟ ଏହି ଭାଷା ଅତି ପ୍ରାଚୀନ ଅଟେ । କୁଇ ଭାଷାରେ ଉପଲବ୍ଧ ଅନେକ ଢ଼ଗଢ଼ମାଳି ସେହି ଭାଷାର ଭାବଗତ ନମୂନା । ଆଜି ଆମ କନ୍ଧ ସମାଜ ନିଜ ଭାଷା ସଂସ୍କୃତିର ସୁରକ୍ଷା ପାଇଁ ତତ୍ପର ନଥିବା ବେଳେ ଜଣେ ସବର୍ଣ୍ଣ ବ୍ୟକ୍ତି ଶ୍ରୀଯୁକ୍ତ ରଘୁନାଥ ରଥ ଆମର କୁଇ ଭାଷାର କେତେକ ଢ଼ଗଢ଼ମାଳି ସଂଗ୍ରହ କରି ଆମ ଭାଷାର ସୁରକ୍ଷା କରିବାକୁ ମହାନ୍ ଉଦ୍ୟମ କରିଛନ୍ତି । ସେଥିପାଇଁ ମୁଁ କୁଇ ସମାଜ ତରଫରୁ ତାହାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଆଶା କରୁଛି, କାଳ ସ୍ରୋତରେ ଲୁପ୍ତ ପାଇଯାଉଥିବା କୁଇ ଭାଷା ଓ ସଂସ୍କୃତିର ମହନୀୟତା ଏହି କୁଇ ଢ଼ଗଢ଼ମାଳି ପ୍ରକାଶ ହେବା ଦ୍ୱାରା ଲୋକ ଲୋଚନକୁ ଆସିପାରିବ ଏବଂ ଏହା ଦ୍ୱାରା କୁଇ ଭାଷାଭାଷୀ ଭାଇ ଭଉଣୀ ମାନେ ନିଜ ଭାଷା ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ସଚେତନ ହେବେ । ତାହାଙ୍କ ଏହି ସାଧୁ ଉଦ୍ୟମ ସଦା ଜାଗ୍ରତ ରହୁ ବୋଲି ମୋର ଚିର କାମନା । ଇତି ।

**ଶ୍ରୀ ଭାସ୍କର ଚନ୍ଦ୍ର ପ୍ରଧାନ**
ସଭାପତି
ନିଖିଳ ଉତ୍କଳ କୁଇ ସମାଜ ୟୁନିୟନ
ଘୁ.ଉଦୟଗିରି
ରେଜିଷ୍ଟ୍ରେଡ୍ ନମ୍ବର ୫/୧୯୪୯-୫୦

# ଅନୁପ୍ରବେଶ

ଲୋକ ସାହିତ୍ୟ ବା ମୌଖିକ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗରୂପେ ଢ଼ଗ ଢ଼ମାଳି ସ୍ୱୀକୃତ । ଏହା ମଧ୍ୟରେ ସମାଜ ଜୀବନର ଅନ୍ତଃସ୍ୱର ଝଙ୍କୃତ । ଢ଼ଗ ଢ଼ମାଳି ''ଲୋକ''ର କାବ୍ୟିକ ସ୍ପନ୍ଦନର ପ୍ରତିପ୍ରକାଶ । ତେଣୁ ଲୋକରତ୍ନ ଡ଼ଃ କୁଞ୍ଜ ବିହାରୀ ଦାଶ ଯଥାର୍ଥରେ ଏହାକୁ ଲୋକବାଣୀ ବୋଲି ଅଭିହିତ କରିଛନ୍ତି । ଢ଼ଗ ଢ଼ମାଳି ମଧ୍ୟରୁ ଗୋଟିଏ ଜାତିର ବୌଦ୍ଧିକ ପରିପ୍ରକାଶ ତଥା ସାମାଜିକ ପ୍ରତିଫଳନକୁ ଲକ୍ଷ୍ୟ କରା ଯାଇପାରେ ।

ଢ଼ଗ ଢ଼ମାଳିକୁ ସଂସ୍କୃତରେ 'ଲୋକ ପ୍ରବାଦ' ବା 'ଲୋକୋକ୍ତି' କୁହାଯାଇଥାଏ । ଲୋକୋକ୍ତିର ସମପର୍ଯ୍ୟାୟବାଚୀ ଶବ୍ଦ ଭାବେ ଲୋକ ବାଣୀକୁ ଗ୍ରହଣ କରିନେବା ଯଥାର୍ଥ ହେବ । ଲୋକବାଣୀ ମଧ୍ୟରେ ଢ଼ଗ, ଢ଼ମାଳି, ପ୍ରବାଦ, ପ୍ରବଚନ, ପହଳି ବା ଧନ୍ଦାକୁ ଅନ୍ତର୍ଭୁକ୍ତ କରାଯାଇଥାଏ । ଲୋକ ବାଣୀକୁ ନିମ୍ନମତେ ବିଭାଗୀ କରଣ କରାଯାଇ ପାରେ ।




ଢ଼ଗ ଢ଼ମାଳିର ସୃଷ୍ଟିକାଳ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ସମ୍ଭବତଃ କଥିତ ଭାଷାର ଉତ୍ପତ୍ତି ସହିତ ଏହାର ସୃଷ୍ଟି ତଥା ବୈଦିକ ଯୁଗର ବହୁ ପୂର୍ବରୁ ଲୋକବାଣୀର ପ୍ରଚଳନଥିବା ଅନୁମିତ ହୁଏ । ବେଦରେ ଉପଲବ୍ଧ ବହୁ ପ୍ରହେଳିକା ଏହାର ପ୍ରକୃଷ୍ଟ ପ୍ରମାଣ ।

ପ୍ରତି ଢ଼ଗର ସୃଷ୍ଟି ମୂଳରେ ଅତୀତର ଏକ ଇତିହାସ ସଂଗୋପିତ। ଢ଼ଗ ସୃଷ୍ଟି ସମୟର ସମ ପରିସ୍ଥିତି ପରିଦୃଷ୍ଟ ହେଲେ ତାହାର ପୁନଃ ପ୍ରୟୋଗ ହୋଇଥାଏ । ବିନ୍ଧୁଲେ ସିନ୍ଧୁ ଖୋଜିଲା ପରି କ୍ଷୁଦ୍ରଭାବରେ ବହୁ କଥା ହାସ୍ୟବ୍ୟଞ୍ଜକ ରୂପରେ ପ୍ରକାଶ କରି ସମାଜକୁ ସୁଧାରି ନେବା ଏହାର ଉଦ୍ଦେଶ୍ୟ । ସାଧାରଣତଃ ଢ଼ଗ ଗୁଡ଼ିକ ବୟସ୍କଙ୍କ ଦ୍ୱାରା କନିଷ୍ଠ ମାନଙ୍କ ପ୍ରତି ପ୍ରୟୋଗ କରାଯାଇଥାଏ । ଏହା ଏକ ଲଘୁ ହାସ୍ୟୋଦ୍ଦୀପକ ବାକ୍ୟବାଣ । ଯାହା ଉଦ୍ଦେଶ୍ୟରେ ଏହା ପ୍ରୟୋଗ କରାଯାଏ; ସେ ସେହି ବାକ୍ୟବାଣ ଦ୍ୱାରା ଆଘାତ ପ୍ରାପ୍ତ ହୋଇଥାଏ ଓ ତାହାର ମର୍ମସ୍ଥଳକୁ ଆଘାତ କରିଥାଏ । ଏଣୁ କୁହାଯାଇଛି - ଢ଼ଗଢ଼ମାଳି, ହୁଅମୁନ ପରି ଯାଉଛି ଗଳି । ନାରୀ ସମାଜରେ ଢ଼ଗର ଆଦର ଓ ପ୍ରୟୋଗ ବହୁଳ ଭାବରେ ପରିଲକ୍ଷିତ ହୋଇଥାଏ ।

ଢ଼ମାଳି ଲଘୁ ପରିହାସ ବ୍ୟଞ୍ଜକ ବଚନ । ତାସଲ୍ୟ ଜଲାଭଳି ଅନ୍ୟ ଉଦ୍ଦେଶ୍ୟରେ ଏହା ବ୍ୟବହୃତ ହେବାର ମଧ୍ୟ ଦେଖାଯାଏ । ସାଧାରଣତଃ ସ୍ତ୍ରୀ କଳି ତଥା ହାସ ପରିହାସରେ ଏହାର ବହୁଳ ପ୍ରୟୋଗ ହୋଇଥାଏ ।

'ପହଲି' ବୁଦ୍ଧିର ଖେଳ । ବୌଦ୍ଧିକ ଶକ୍ତି ପରୀକ୍ଷଣ ନିମନ୍ତେ ସାଧାରଣତଃ ଯୁବଗୋଷ୍ଠୀରେ ଏହାର ବ୍ୟବହାରଗତ ଆଧିକ୍ୟ ପରିଲକ୍ଷିତ ହୋଇଥାଏ । ଜଣେ ଅନ୍ୟ ଉଦ୍ଦେଶ୍ୟରେ ପହଲି ପକାଇ ପ୍ରଶ୍ନଟିଏ ପଚାରେ । ଉତ୍ତରଦାତା ପୂର୍ବରୁ ଜ୍ଞାତଥିଲେ ପ୍ରଶ୍ନର ଉତ୍ତର ତତ୍‌କ୍ଷଣାତ୍ ଦେଇପାରେ । ନଚେତ୍ ଉତ୍ତର ଖୋଜିବା ପାଇଁ ତାକୁ ବହୁତ ଭାବିବାକୁ ପଡ଼େ । ପହଲି ପ୍ରଶ୍ନର ଉତ୍ତର ଖୋଜିବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସୂତ୍ର ନାହିଁ । କେବଳ ନିଜର ଚିନ୍ତାଶକ୍ତି ଖଟାଇ ଉତ୍ତରଦାତା ଉତ୍ତର ଖୋଜିଥାଏ ।

ମୌଖିକ ଓଡ଼ିଆ ସାହିତ୍ୟ ପରି ପୃଥିବୀର ସମସ୍ତ ଭାଷାରେ ମୌଖିକ ସାହିତ୍ୟରେ ଢ଼ଗ ଢ଼ମାଳି ଉପଲବ୍‌ଧି ହୋଇଥାଏ । ସେହିପରି କନ୍ଧ ସଂପ୍ରଦାୟର କଥିତ ଭାଷାରେ ମଧ୍ୟ ଢ଼ଗ ଢ଼ମାଳିର ବାହୁଲ୍ୟତା ରହିଛି । କୁଇ ଭାଷାରେ ଢ଼ଗ କୁ ଡଗ (ବହୁ ବଚନ ରେ ଡ଼ଗଙ୍ଗା ) ଢ଼ମାଳିକୁ ଟାହୁଙ୍ଗା ଓ ପହଲି କୁ ବାକେଣି ବା ବାକେରି କୁହାଯାଏ । କୁଟିଆ କନ୍ଧ ମାନେ ପହଲିକୁ କେରକଣ୍ଡି କହିଥାନ୍ତି । କୁଇ ଭାଷା ର ଲିପି ନାହିଁ । ଅବଶ୍ୟ ଶ୍ରୀ ଦୟାନିଧି ମଲ୍ଲିକ (ଗ୍ରାମ:ବେଟିକଲା) କୁଇ ଲିପି ଉଦ୍ଭାବନ କରି ଏହି ଭାଷାର ଉନ୍ନତି ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । କିନ୍ତୁ ଏହି ଲିପି ଏଯାବତ୍ ସରକାରୀ ସ୍ୱୀକୃତି ପାଇନାହିଁ କିମ୍ବା ଏହି ଲିପିରେ ଲେଖା କିମ୍ବା ବହିଛପା କାର୍ଯ୍ୟ ହୋଇ ପାରିନାହିଁ । ଏହି ଲିପିର ବହୁଳ ବ୍ୟବହାର ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା କନ୍ଧ ସମାଜର ନୈତିକ ଦାୟିତ୍ୱ ଅଟେ ।

କୁଇ ଭାଷାରେ ଲୋକ ସାହିତ୍ୟର ସମସ୍ତ ବିଭାଗ ପ୍ରଚୁର ଏବଂ ସମୃଦ୍ଧ । ଏକଥା ମଧ୍ୟ ନିର୍ବିବାଦରେ ପ୍ରକାଶ କରାଯାଇ ପାରେ ଯେ, ଅତୀତର ସମୃଦ୍ଧ କୁଇ ଲୋକ ସାହିତ୍ୟ ବର୍ତ୍ତମାନ ଦ୍ରୁତ ଅବକ୍ଷୟ ପଥରେ ଆଗେଇ ଚାଲିଛି । ସେଥି ନିମନ୍ତେ କେତେକ କାରଣ ରହିଛି । କୁଇ ଲୋକ ସାହିତ୍ୟ ଅବକ୍ଷୟର ବିଭିନ୍ନ କାରଣ ମଧ୍ୟରୁ କେତୋଟି କାରଣ ହେଲା -

କ. ଲୋକ ସାହିତ୍ୟ ମୌଖିକ ସାହିତ୍ୟ ହୋଇଥିବାରୁ ଏହା କ୍ରମାନ୍ୱୟରେ ପୀଢ଼ିରୁ ପୀଢ଼ିକୁ ହସ୍ତାନ୍ତରିତ ହୋଇଥାଏ । କେତେକ କାରଣରୁ କୁଇ ଲୋକ ସାହିତ୍ୟର ବ୍ୟବହାର କ୍ରମଶଃ କମି କମି ଅସୁଥିବାରୁ ଯୁବ ପୀଢ଼ି ସେଗୁଡ଼ିକୁ ଜାଣି

ପାରୁନାହାନ୍ତି । ଏଣୁ ଲୋକ ସାହିତ୍ୟାଭିଜ୍ଞ କିଛି ବୃଦ୍ଧ / ବୃଦ୍ଧା ଙ୍କ ମୃତ୍ୟୁ ପରେ ଏହା ସମ୍ପୂର୍ଣ୍ଣ ଲୋପ ପାଇଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ।

ଖ. ଶିକ୍ଷିତ କନ୍ଧ ବ୍ୟକ୍ତିଙ୍କ ମଧ୍ୟରେ ଲୋକ ସାହିତ୍ୟର ଆଦର ନାହିଁ । ସମ୍ଭବତଃ ସେମାନେ ଏହାକୁ କୁ ସଂସ୍କାର ଭାବି ପରିତ୍ୟାଗ କରୁଛନ୍ତି କିମ୍ବା ଚାକିରୀ ଦୃଷ୍ଟିରୁ ନିଜ ସମାଜ ଠାରୁ ଦୂରରେ ରହି ଧୀରେ ଧୀରେ ସେ ସବୁ ଭୁଲି ଯାଉଛନ୍ତି ।

ଗ. କୁଇ ଲୋକ ସାହିତ୍ୟ ଅବକ୍ଷୟର ମୁଖ୍ୟ କାରଣ ଭାବେ କୁଇ ସମାଜ ପତିଙ୍କ ସମାଜ ସଂସ୍କାର ବ୍ୟବସ୍ଥା ହିଁ ଦାୟୀ ବୋଲି ମୋର ବ୍ୟକ୍ତିଗତ ମତ । କାରଣ ଅତୀତରେ ପ୍ରଚଳିତ ଧାଙ୍ଗଡ଼ୀ ଘର ହିଁ ଲୋକ ସାହିତ୍ୟ ସୃଷ୍ଟିର ମୁଖ୍ୟ କେନ୍ଦ୍ରଥିଲା । ସେଗୁଡ଼ିକ ବନ୍ଦ ହୋଇଯିବା ଦ୍ୱାରା ଲୋକ ସାହିତ୍ୟର ଉତ୍ସ ଶୁଖି ଶୁଖି ଯାଉଛି ଏବଂ ଏକ ସମୃଦ୍ଧ ଲୋକ ସାହିତ୍ୟ ଭଣ୍ଡାର ବିଲୟମାନ ହେବାକୁ ଯାଉଛି ।

ଘ. କ୍ରମଶଃ କନ୍ଧମାଳର କେତେକ ଅଞ୍ଚଳରେ କନ୍ଧମାନେ କୁଇଭାଷା ସମ୍ପୂର୍ଣ୍ଣ ଛାଡ଼ିଦେଇ ଓଡ଼ିଆ ଭାଷା ବ୍ୟବହାର କରୁଛନ୍ତି । ସେପରି ସ୍ଥଳେ ସେମାନଙ୍କ ମଧ୍ୟରୁ କୁଇ ଲୋକ ସାହିତ୍ୟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯାଇଛି । ଏଣୁ ଯେତେ ଶୀଘ୍ର ସମ୍ଭବ ଲୋକ ସାହିତ୍ୟ ସଂଗ୍ରହ ଓ ସଂରକ୍ଷଣର ଆବଶ୍ୟକତା ରହିଛି । ଏହା ଦ୍ୱାରା ଭବିଷ୍ୟତ ବଂଶଧର ମାନେ ସେମାନଙ୍କ ପରମ୍ପରା ବିଷୟରେ ଜାଣିପାରିବେ । ଏଣୁ କୁଇ ଲୋକ ସାହିତ୍ୟ ସଂଗ୍ରହ ଓ ସଂରକ୍ଷଣ ନିମନ୍ତେ ଗବେଷକ, ଶିକ୍ଷିତ କନ୍ଧ ନାଗରିକ ତଥା କୁଇ ସଙ୍ଗଠନ ଗୁଡ଼ିକର ଗୁରୁ ଦାୟିତ୍ୱ ରହିଛି । ବେଳହୁଁ ସାବଧାନ ନହେଲେ ଆମେ ଯେ ଏକ ସମୃଦ୍ଧ ପରମ୍ପରା ହରାଇ ବସିବା ଏଥିରେ ସନ୍ଦେହ ନାହିଁ ।

କନ୍ଧମାଳ ଜିଲ୍ଲାରେ ମୋର ଦୀର୍ଘ ରହଣି କାଳ ମଧ୍ୟରେ କୁଇ ଲୋକ ସାହିତ୍ୟ ପ୍ରତି ଆକର୍ଷିତ ହୋଇ ତନ୍ମଧ୍ୟରୁ କିଛି ସଂଗ୍ରହ କରିବାର ଅଦମ୍ୟ ପିପାସାକୁ ଏଡ଼ାଇ ପାରିନି । ସମୟ କ୍ରମେ ସେଥିରୁ କିଛି ନେଇ ଅଲୋଚନା ନିବନ୍ଧ ପ୍ରସ୍ତୁତି କରିଛି ଏବଂ ସେଗୁଡ଼ିକ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି ମଧ୍ୟ । ଏଇ ଅବସରରେ ସେହି ପ୍ରବନ୍ଧ ଗୁଡ଼ିକ ପ୍ରକାଶିତ ହୋଇଥିବା ପତ୍ରିକାର ସମ୍ପାଦକ ମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ସର୍ବୋପରି କୁଇ ଲୋକ ସାହିତ୍ୟ ସଂଗ୍ରହ କାଳରେ ପ୍ରାୟ ପନ୍ଦର ବର୍ଷ ତଳେ କେତେକ କୁଇ ଢ଼ଗ ଢ଼ମାଳି ମଧ୍ୟ ସଂଗୃହୀତ ହୋଇପାରିଥିଲା । ସେଗୁଡ଼ିକୁ ସଜାଇ କିଛି ଶିକ୍ଷିତ କନ୍ଧବ୍ୟକ୍ତିଙ୍କ ଦ୍ୱାରା ତାହାର ଓଡ଼ିଆ ଅନୁବାଦ କରାଇଥିଲି । ମୁଁ କୁଇ ଭାଷା ଅନଭିଜ୍ଞ ମଣିଷ ଟିଏ । କୁଇ ଭାଷା ଭିଜ୍ଞ କିଛି ବ୍ୟକ୍ତିଙ୍କ ଦ୍ୱାରା ସଂଶୋଧନ କରାଇ ଯଥା ସାଧ୍ୟ

ସଠିକ୍ ଭାଷା ଓ ଅନୁବାଦ ଉପସ୍ଥାପନ ପାଇଁ ଚେଷ୍ଟା କରିଛି । ତାହା ସତ୍ତ୍ୱେ ଯଦି କିଛି ଭୁଲ ରହିଯାଇଥାଏ ତାହା ଅଜ୍ଞତା ବଶତଃ ବୋଲି ଧରି ନେବାକୁ ହେବ । ସେ ସବୁ ତ୍ରୁଟିକୁ ଆସନ୍ତା ସଂସ୍କରଣରେ ସୁଧାରି ନେବାକୁ ଚେଷ୍ଟା କରିବି । ସଂଗୃହୀତ ଢ଼ଗ ପହଳି ଗୁଡ଼ିକ ପ୍ରକାଶ ନିମନ୍ତେ ବହୁ ଦିନରୁ ଚେଷ୍ଟା କରି ଆସିଥିଲେ ମଧ୍ୟ ଆର୍ଥିକ ପ୍ରତି ବନ୍ଧକ ପ୍ରଧାନ ଅନ୍ତରାୟ ଥିଲା । ଘୁ.ଉଦୟଗିରି ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଦାତାର ସହସଂପାଦକ ଶ୍ରୀ ଯୁକ୍ତ ପ୍ରଦୀପ କୁମାର ଦାଶଙ୍କ ବଦାନ୍ୟତାରୁ ସେଗୁଡ଼ିକ ପୁସ୍ତକ ଆକାରରେ ପ୍ରକାଶ ପାଉଥିବାରୁ ମୁଁ ସେ ମହାନୁଭବଙ୍କ ନିକଟରେ ଚିର କୃତଜ୍ଞ ରହିବି । ଯେଉଁ ମାନଙ୍କ ଠାରୁ ସଙ୍କଳନସ୍ଥ ଢ଼ଗ ଢ଼ମାଳି ଗୁଡ଼ିକ ସଂଗୃହୀତ ଓ ଯେଉଁମାନେ ସେଗୁଡ଼ିକର ଓଡ଼ିଆ ଅନୁବାଦ କରି ଦେଇଛନ୍ତି ସେମାନଙ୍କ ନାମ ମନେ ନଥିଲେ ମଧ୍ୟ ଏଇ ଅବସରରେ ସେମାନଙ୍କୁ ସ୍ମରଣ କରୁଛି ଏବଂ କୃତଜ୍ଞତା ଜ୍ଞାପନ କରୁଛି ଏବଂ ଶ୍ରୀ ଭାସ୍କର ପ୍ରଧାନ, ଗ୍ରାଃ ବାକିଙ୍ଗିଆ, ସଭାପତି, ନିଖିଳ ଉତ୍କଳ କୁଇ ସମାଜ ୟୁନିୟନ୍ ଏହି ସଙ୍କଳନ ପାଇଁ ଅଭିମତ ଟିଏ ଲେଖିଦେଇଥିବାରୁ ମୁଁ ତାହାଙ୍କ ନିକଟରେ କୃତଜ୍ଞ ରହିଲି ।

ଶେଷରେ ଏ ପୁସ୍ତକ ଦ୍ୱାରା ଯଦି କନ୍ଧ ସଂପ୍ରଦାୟରେ ସାଂସ୍କୃତିକ ସଚେତନତା ଜାଗ୍ରତ ହୋଇପାରେ ମୋ ପ୍ରଚେଷ୍ଟା ଫଳବତୀ ହୋଇଛି ବୋଲି ମଣିବି । ଇତି ।

ରଘୁନାଥ ରଥ

# ଢ଼ଗଞା

## ଢ଼ଗ

ରଘୁନାଥ ରଥ



କୁଇ ଢ଼ଗ ପହଲି

୧ ଆଁ ଇସେଞ୍ଜୁ
କାମ୍ବାରିକିଆ ଡାନିଃ ଦାନସିଙ୍ଗ ମାନେଞ୍ଜୁ
ପଟା ସେଁ ସେଁ ଇସେ,
ଏସେ କାଡା ଗାମେଏ ବେଷ୍ଟିଞ୍ଜି ।
ହଁ ବୋଲୁଛି, କାମ୍ବିକିଆରେ ଦାନସିଂ ଅଛି
ଟେଁ ଟେଁ କରେ ଚଢ଼େଇ, କେତେ କଥା କହୁ ବଢ଼ାଇ ।

୨ ଆନାଆ ବେଏ ଗିବା ମୁଃଏଞ୍ଜୁ
ନେଗାରା ତିନିମ୍ବା ଦଃାନେଞ୍ଜୁ ।
କିଛି ଭଲ କରି ପାରିବ ନାହିଁ,
ପରେ ଖାଇବାକୁ ଖୋଜିବ ।
( କାମ ନ କଲେ ଖାଇବା ବନ୍ଦ )

୩ ଆନୁ ତ ନାଇ କାମ ଗିପିମାସେଃ
ଇନୁ ନାଙ୍ଗେ କରାପ ଗିଆତି ।
ମୁଁ ମୋ କାମ କରୁଥିଲି,
ତୁମେ କାହିଁକି ଖରାପ କଲ ।
( ମୁଁ ଖାଉଥିଲି ମୋର ଭାତ,
ତୋର କି ପାଇଁ ମୁଣ୍ଡରେ ହାତ ) ।

୪ ଆନୁ ପାଟେଏ କୁରାଡ଼ି ବେଟା
ଇନୁପାଟି ଆକା ବଅଗା ।
ମୁଁ ପାଇଲି କୁରାଢ଼ୀ ବେଣ୍ଟ,
ତୁମେ ପାଇଲ ପତ୍ର ଟୋକେଇ ।

୫ ଆ-କୁ ବେଙ୍କୁ ଇଡୁତାରି ପାନ୍‌ମ୍ଧା ଇଡୁକି
ପାନ୍‌ମ୍ଧା ଇଡୁ ତାରି ଆକୁ ବେଙ୍କୁ ଇଡୁକି ।
କାଠଘର ଝିଅ ଭାତ ଘରକୁ
ଭାତଘର ଝିଅ କାଠ ଘରକୁ ।

୬ ଆପୁ, ଗଞ୍ଜାଇ, କାଲୁ,
ଇବି ଡଅଇ କାବାଡ଼ି ଗିନୁ ।
ଆପୁ, ଗଞ୍ଜାଇ,ମଦ, ଏସବୁ ପରମାଦ ।

୭ ଆରି ବେସ୍ତାନାରି ଆ-ନାରି
ମାଇନାଙ୍କୁ ମାନେଞ୍ଜୁ ନରି
ଶିକାଙ୍ଗା ଆଲ୍‌ପିନେଞ୍ଜୁ ତିନି ସାରି ବାରି
ତ୍ରେହାନା ପ୍ରାପିନେଞ୍ଜୁ ଦାରାଙ୍ଗା ଗାଆଡ଼ି ।
କହିବାକୁ ଆଉ କ'ଣ ଅଛି, ଆମ ଗାଁରେ ନରିଅଛି
ତିନି ଚାରି ଭାର ଶିକା ବୁଣୁଛି, ଦ୍ୱାର ଦ୍ୱାର ବିକୁଅଛି ।
(ଅର୍ଥାତ୍ - ଆମ ଗାଁର ନରି, କଥା ଯୋଡ଼େ ଛଅ ନଅ କରି )

୮ ଆସନା ସିଡେଃକି ବାସନା ସିଡ଼େଃ
ବିଲାଡି କୁସାତା ପୁଟୁଣା ସିଡ଼େଃ ।
ଆସନା (ସୁଆଦ) ନାହିଁ କି ବାସନା ନାହିଁ
ସନ୍ଧ୍ୟା ତୁଣ (ତରକାରୀ) ରେ ଫୁଟଣ ନାହିଁ ।

୯ ଇଟାନେଞ୍ଜୁ ପେନୁ, ସାପ୍‌ତା ନେଞ୍ଜୁ ତାନୁ ।
ରଖେ ହରି ମାରେ କିଏ, ମାରେ ହରି ରଖେ କିଏ ।

୧୦ ଇନୁତ ପୁଞ୍ଜାନାଙ୍ଗା ସାସିଲା ବ୍ରାହା ଗା-ଡ଼ା
ଇନୁତ ପୁଞ୍ଜାନାଙ୍ଗା ସାସିଲା ଅଲି ମା-ଡ଼ା ।
ତୁ ଜାଣି ଜାଣି ବାର୍‌ହା ଗାତରେ ପଡ଼ିଲୁ,
ତୁ ଶୁଣି ଶୁଣି ଭାଲୁ ରାମ୍ପୁଡ଼ାରେ ପଡ଼ିଲୁ ।

୧୧ ଇମ୍ବାଇ ପୁଞ୍ଜାନାଇ ଡ଼ନେଞ୍ଜୁ
ଏଆଞ୍ଜୁ ବେଃଆ ରାହି ଆନେଞ୍ଜୁ ।
କିଏ ଜାଣି ଜାଣି ଶୋଇବ, ତା ପାଇଁ କିଏ ପଛେ ରହିବ ।
( ନ ଜାଣି କାମ କଲେ, ବିପଦ ନିଶ୍ଚେ ଆସିବ ଭଲେ )

୧୨ ଇମ୍ଭେରି ଦର୍ମକାତା ବେସ୍ନେଞ୍ଜୁ
ଏଆଞ୍ଜୁ ଡଇ ତାନି ଇଗ୍‌ଦା ନେଞ୍ଜୁ ।
ଯାହାର ଧର୍ମ ଚିନ୍ତିବ, ସେ ତୁମର ପାପ ଚିନ୍ତିବ ।
( ମଙ୍ଗଳ ଚିନ୍ତିଲି ଯାହାର, ଦେଲା ଗୋଇଠା ପାହାର )

୧୩ ଇସିଙ୍ଗି ସାଞ୍ଜାଗିନେଞ୍ଜୁ, ଏହେଙ୍ଗି ସାଞ୍ଜିନେ ।
ଯେମିତି ଭଲ କରିବ, ସେମିତି ଭଲ ହେବ ।
( କରିବ ଯେମିତି, ପାଇବ ସେମିତି )

୧୪ ଇସେଏକା ଇସ୍କୁଲ, ପୁନାଆ ତାକେ ବଙ୍ଗାଲି ।
ହେଲେତ ସ୍କୁଲ, ନହେଲେ ବଙ୍ଗଳା ।
(ହେଲେତ ହେଲା, ନହେଲେତ ରାଉରକେଲା )

୧୫ ଉକୁଡୁ ଇଞ୍ଜାନା, ନାଙ୍ଗେ ମେଃହେତେକା ଆଁ ଇଞ୍ଜିଦୁଃନା ।
ମୁହଁ ପୋତି କଥା କହୁଛୁ, ମୋତେ ଦେଖି ଛାନିଆଁ ହେଉଛୁ ।
(ପଛରେ କହେ, ଆଗରେ ପଡ଼ିଲେ ଛାନିଆ ହୁଏ )

୧୬ ଏଜଇ ନାରା ବେଏ ତିନ୍ମା ଉନ୍ମା ପାନ୍ମି ଦୁଃହେଞ୍ଜୁ
ଲକୁ ବାହାଙ୍ଗି ସାସେକା ଗିଅପା-ଲା
ତିଞ୍ଜିମଃାଇ ଇଞ୍ଜାନାଇ ସେନେଞ୍ଜୁ ।
ଘରେ ଖାଇବା ପିଇବାକୁ ନାହିଁ,
ଲୋକଙ୍କ ଆଗରେ ଘିଅଭାତ ଖାଇଛି ବୋଲି କହେ ।
( ଘରେ ରଣ ଭଣ, ବାହାରେ ବଡ଼ ପଣ )

୧୭ ଓଡ଼ିଆ ଲକୁ ତାକା ମିଡା,ବେ-ଲେ ଡ଼ାଇନେ ବୁଦି ପୁନେଞ୍ଜୁ ।
ଓଡ଼ିଆ ଲୋକର ପିଲା,ଜନ୍ମରୁ ବୁଦ୍ଧି ଜାଣେ । ( ଓଳିଆରୁ ଗଜା )

୧୮ କକ୍ତେ କାନେ କୁଡ଼ି, ନାସିତାକେ ଡ଼ାଡ଼ି ।
ବସିଲେ କୁଡ଼ିଆ, ଉଠିଲେ ଭାଡ଼ି ।

୧୯ କରାପ ପାଇଟି ଗିଏନୁ, କେ-ସୁ ଡାଙ୍ଗି ସାଲେନୁ ।
ଖରାପ କାମ କରିବି ନାହିଁ, ମୋକଦ୍ଦମା କୁ ଯିବି ନାହିଁ ।
( କାଚୁଅକୁ ଯିବି ନାହିଁ, ଗୋଡ଼ ଧୋଇବି ନାହିଁ )

୨୦ କେଡ଼େ କେଡ଼େ ନାଙ୍ଗେଲି କଟି,
ନାଇ ମାସିବାଗା ବୁଡିଃ-ନି ପା-ଟି ।
ଖଡ଼ ଖଡ଼ ହେଉଥିବା ନଙ୍ଗଳ କଣ୍ଡି ପରି ବୁଲୁଥିଲୁ,
ମୁଁ ଥିବାରୁ ବାହା ହେଲୁ ।

୨୧ କାପ୍ଲା କାତା କପାଲା, ସାକି ଦୁକୁ କାତା ମେଣ୍ଡାତା ।
ହସ ଖୁସି କପାଳେ, ଭଲ ମନ୍ଦ ଆଣ୍ଠୁରେ ।

୨୨ କ୍ରାପି ମଃାସେକା ଗୁଡ୍କେ ଦୁଃନେ
ତପି ମଃାସେକା ମାରାଇ ଦୁଃନେ ।
କାଟୁଥିଲେ କଅଁଳୁ ଥିବ, ଶୋଉଥିଲେ ଜନ୍ମ କରୁଥିବ ।

୨୩ ଗାମେଃଏ ଗାମେଃଏ ବେଷ୍ଟିଞ୍ଜି କାତା,
ଆ-ନା ପୁଞ୍ଜି ଏମେ଼ରି କା-ତା ।
ଉପରେ ଉପରେ କହନା କଥା, କ'ଣ ଜାଣିବୁ ଏହାର କଥା ।

୨୪ ଗୁଲେଏ ଗିନା, ଡ଼ଃଇ କୁନା ।
ସବୁ କର, ଖରାପ କାମ କରନାହିଁ ।

୨୫ ଗସାମାଲା ସବୁ ବାଡି, ସିଡ଼େଃ ମାନ୍ଦେ ଇଡୁଗୁଡ଼ି ।
ବଣ ଜଙ୍ଗଲ ପର୍ବତ କନ୍ଦର, ନାହିଁ ଆମର ଘର ଦ୍ୱାର ।

୨୬ ଗଙ୍ଗେରି ପୁଉଙ୍ଗା ଗଞ୍ଜୁପ୍ରାସା,
ଆନାବାତେ ମାସିଲା ସେଙ୍ଗେଗାଡ଼ା ।
ନାଙ୍ଗି ବାବାନେ ସାଆସିକାତା ପୁସିଲା ସ୍ରବିଗାଡ଼ା ।
ଗଙ୍ଗ ଶିଉଳି ଫୁଲ କେଉଁଠିଥିଲୁ ଲୋ,
ମୋତେ ବାହାହେବାରୁ ଓଡ଼ିଆ ଜାଣିଲୁ ।

୨୭ ଜଡ଼ି କେରି କେରି ସାଲା ଦାଦା
ସିଡ଼୍ରି ଲୁଙ୍ଗୁରି ପାଣ୍ଡାନେ
ଜୁର୍ଗା ଡ଼େଏ ଗାଲେକାଆ ଦାଦା
କାଜୁ ଡ଼ିଙ୍ଗ୍ନା ପାଣ୍ଡାନେ ।
ନଦୀ ତଡ଼େ ତଡ଼େ ଯାଆନା ବଡ଼ ଭାଇ ଅଣ୍ଡା ପବନ ବାଜିବ
ଅଏଁଳା ଡ଼ାଳ ଭାଙ୍ଗନା ବଡ଼ ଭାଇ ହାତ ଭାଙ୍ଗିଯିବ ।

୨୮ ଟିକେଃ କାତା ଟେକେଃକା ।
ଟିକିଏ କଥା ଠେକିଉଳି । (ଟିଙ୍କକୁ ତାଳ କରିବା )

୨୯ ଟାକ୍ସି ଗୁଗୁରି ବୁର୍‌କା କୁଲୁ
ନୂଆ ସାମାଦେଣି ପିତିକା କୁଲୁ ।
କାପ୍ତା ପରି ମୁଣ୍ଡ ଟାଙ୍ଗିରି
ନୂଆଁ ସମୁଦିଆଣି ପାଡ଼କୁ ସରି ।

୩୦ ଟିକୋଃଲି ସିରୁ ଓ୍ଲାଙ୍ଗିମାନୁ ।
ଅଳ୍ପପାଣି ଚହଲୁ ଅଛି ।

୩୧ ତାନୁ ବିଲିକୁଲୁ ବୁଦି ପୁଞ୍ଜି ଦୁହେଃଞ୍ଜୁ
ଲକୁରି ଦେରାଡ଼ା ଦେରାଡ଼ା କାତା ବେସ୍କେଞ୍ଜୁ
ତାହାର କିଛି ବୁଦ୍ଧି ନାହିଁ ଲୋକଙ୍କୁ ବଡ଼ ବଡ଼ କଥା କହେ ।
(ଫମ୍ପା ମାଠିଆର ଶବ୍ଦ ବହୁତ)

୩୨ ତିନିମ୍ବା ପୁନାତାକେ ପୁକୁ ଇନେଞ୍ଜୁ ।
ଖାଇ ନଜାଣିଲେ ଫଡ଼କୁଥିବ ।

୩୩ ତିନି ମୁସି ତାଙ୍ଗେ ନେଗାରି
ତାଆଙ୍ଗା ଦୁହୁନେଞ୍ଜୁ ପିଟେଣି କେରି ।
ତା ସିଂଘାଣି ତାକୁ ଭଲ
ପୋଛୁ ଥିବ ଡ଼ାହାଣ ପିଚାରେ ।

୩୪ ତିଞ୍ଜାନାଇ ତିନିମ୍ବା କୁନେଞ୍ଜୁ
ବେଡାଙ୍ଗା ଆନେଞ୍ଜୁ ।
ଖାଇ ଖାଇନି କହେ ଯିଏ, ମୂକ ସିଏ ।

୩୫ ତାନ୍ଦେ କାତା ତାଙ୍ଗେଜଣା
ତିନି ସୁକା ବାରଅଣା ।
ତା କଥା ତାକୁ ଜଣା, ତିନିସୁକା ବାରଅଣା ।

୩୬ ଦାଆ ଦିଦ ଅଦି ଟିକାଙ୍ଗ ଚନ୍ଦ୍ର ମେହେଦି
ନାହୁଣି ବଣାଙ୍ଗା ପାଣ୍ଡି ଦାରାଦାରା ତ୍ରେହେଦି ।
ଖୋଜିବୁ ଖୋଜାଇବୁ ବିଭିନ୍ନ ରଙ୍ଗରେ ଦେଖିବୁ
କୁକୁର ପରି ଚିରା ଲେଙ୍ଗୁଡ଼ା ପିନ୍ଧି ଦ୍ୱାର ଦ୍ୱାର ବୁଲିବୁ ।

୩୭ ଦେଆଁ କାକାଲି ସାକା ଧନ ଇଟ୍ଟନୁ
ତେପ୍ପିତାକେ ମିଡା ମାରିନୁ ।
କାଉଳିଆ ଧନ ସଞ୍ଚଇ
ବାନ୍ତିକଲେ ପିଲା ପାଅଇ ।

୩୮ ଦିନା ତାରାନି ତାକା ତାକେସିନା
କାଣି ଗାଟାରି ରାଣୀ ଆନେ ।
ବିଦେଶରୁ ଆଣିଲେ କାଣି ବି ରାଣୀ ହେବ ।
( କାଣି ହେଲେ ମଧ କଟକିଆଣୀ )

୩୯ ଦାରାତାନି ସିଡ଼େ ଶିକାଲି
ଇନୁ ବୁଡ଼ି ଆଇଞ୍ଜି ବିକାଲି ।
ଦ୍ୱାରରେ ନାହିଁ ଶିକୁଳି । କାହିଁକି ହେଉଛୁ ବିକଳ ।

୪୦ ନି କରାଟିଆ କଡି ସିଡେ
ନିଙ୍ଗେ ମେହାତାକା ଲୋଡା ସିଡ଼େ ।
ତୋ କରାଟରେ ଖଡି ନାହିଁ, ତୋତେ ଦେଖିବାକୁ ଲୋଡ଼ା ନାହିଁ ।

୪୧ ନେଗାରା ଦାଃତେକା ନେଗାରା ପାଣ୍ଡି
ଡଇ ତାରା ଦାଃତେ କା ଡଇ ତାରା ପାଣ୍ଡି ।
ଭଲ ଖୋଜିଲେ ଭଲ ପାଇବ ।
ଖରାପ ଖୋଜିଲେ ଖରାପ ପାଇବ । ( ମନ ଜାଣି ଫଳ )

୪୨ ନିଜେ ନେଗି ମାସେକା, ଗୁଲେ ଲକୁରି କି ନେଗି ।
ନିଜେ ଭଲ ଥିଲେ ସମସ୍ତେ ଭଲ ।
( ନିଜେ ଭଲ ତ ଦୁନିଆ ଭଲ )

୪୩ ନି ପୁଡେଞ୍ଜି ନି ବାହାଆ ।
ତୋର ନାଭି ତୋ ଠାରେ

୪୪ ନି ସାଜି ରୁଟୁଟା ପାଇଙ୍ଗା ଦିପ୍ଲାଇନୁ ।
ତୁମେ ଯିବା ରାସ୍ତାରେ ପଇସା ପଡୁଛି ।
(ପରିଶ୍ରାରେ ଦୀପ ଜଳୁଛି )

୪୫ ପାଜି ବୁଦି ନାଉଁଣି ବୁଦି
ଲକୁରିକି ନେଗି ଜିନିଷ ଲଡା ସିଡ଼େ ।
ଯାହାର ଘୁଷୁରୀ ବୁଦ୍ଧି, କୁକୁର ବୁଦ୍ଧି, ତାହାକୁ
ଲୋକଙ୍କ ଭଲ ଦରକାର ନାହିଁ ।
(ବୁଦ୍ଧି ଯାହାର ମନ୍ଦ, ସଂସାରେ ସେହୁ ଅନ୍ଧ )

୪୬ ପିତା ମିନୁ କୁଃଇ କୁଃଇ
ଶେଉଲ ମିନୁ ଲାଇଃ ।
କେରାଣ୍ଡି ମାଛ ଉପରେ ଉପରେ
ଶେଉଳ ମାଛ ଭିତରେ ।

୪୭ ପାନମ୍ଭା ଗାଟାନୁ ପାନାଆତେନୁ ।
ପାଉଥିଲି, ପାଇଲିନାହିଁ ।

୪୮ ପେନୁ ଇଟା ଡାଙ୍ଗି ମନଗିନେ, ଇସେକା ଇମ୍ଭାଇ ଭାଙ୍ଗିଗିନେ,
ପେନୁ ଭାଙ୍ଗି ଗିତେକା ଇମ୍ଭାଇ ଇଟିନେ ।
ଭଗବାନ ରଖିବାକୁ ଚାହିଁଲେ କିଏ ଭାଙ୍ଗିବ ।
ଭଗବାନ ଭାଙ୍ଗିବାକୁ ଚାହିଁଲେ କିଏ ରଖିବ ।
(ରଖେ ହରି ମାରେ କିଏ, ମାରେ ହରି ରଖେ କିଏ )

୪୯ ପୂର୍ବା ମାମୁଲି ବୁଡା ସେଡ଼ି ଶୋଲ ଟାକା ସେଢେ ଗାଡା
ଇଦେ ଅତାନେଞ୍ଜୁ ବୁଡା ଲାଆ ମିଡା ।
ପୂର୍ବ ନିୟମ ବୁଢ଼ା ବିଭା ଷୋଳ ଟଙ୍କା ଗଣ୍ଠିବନ୍ଧା
ଏବେ ହେଉଛି ବୁଢ଼ୀ ବିଭା ଦେଖିକାବା ।

୫୦ ପାରି ପାରି ବେଲା ବାତି ଦାଦା  ପାଲେରି କଙ୍ଗାପାଟି ।
ମାଇ ଡାଙ୍ଗାଣିଡୁ କି ବାତି ଦାଦା ଡପାଗିନା ପାଆଟି ।
ପାହାଡ଼ ତଳୁ ସକାଳେ ସକାଳେ ସୂର୍ଯ୍ୟ ଆସୁଛି ଦାଦା ( ବଡ଼ଭାଇ)
ଆମ ଧାଙ୍ଗିଡି ଘରକୁ ଆସିଲୁ ସିନା ଶୋଇ ପାରିଲୁକି ?

୫୧ ପୁସେଃକାନି ପୁସି କୁଉନ୍ଦୁ
ପୁନାଃତାକେ ମାଣି କୁଉନ୍ଦୁ ।
ଜାଣିଲେ ଶ୍ରାବଣ କଡ଼ି ଛତୁ,
ନ ଜାଣିଲେ ବାଉଁଶ ଛତୁ ।
(କହି ଜଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର )

୫୨ ପୁସେକା କାତାଙ୍ଗା
ପୁନାତାକା ଟାକାଙ୍ଗା ।
କହି ଜାଣିଲେ କଥା ସୁନ୍ଦର
କହି ନଜାଣିଲେ ଟଙ୍କା ଖର୍ଚ୍ଚ ।
( ଚାଲି ନ ଜାଣି ବାଟର ଦୋଷ, କାଟି ନ ଜାଣି କଟୁରୀ ଦୋଷ )

୫୩ ପୁସେକା କଲମ କାଟି
ପୁନାତାକେ ନାଙ୍ଗେଲି କଟି ।
ଜାଣିଲେ କଲମ କାଠି, ନଜାଣିଲେ ଲଙ୍ଗଳ କଣ୍ଠି ।

୫୪ ପାଣ୍ଡାମ୍ରା ସୁଗୁଦୁ ଇନାଃକାରି
ଢାର୍ଗି କୁଟି ଲେଙ୍ଗାଆ କରି ।
ଚମଡା ଦଉଡି ଛିଣ୍ଡି ନଯାଉ ।
ଶାଳ ଖୁଣ୍ଟ ଭାଙ୍ଗି ନଯାଉ ।

୫୫ ବଇଁସି ତାରି କଡ଼ି ବାଡି
ବାସିନାରି ଜଏଲି ଡାଡ଼ି ।
ବଇଁଶିର ପଥର ଖଡି
ବାସିର ମକା ଭାଡି ।

୫୬ ବେଗାଲା ବେଗାଲା ପୁନେରୁ
ସାତେକା ପିଦେରି ମ୍ଲିନେରୁ ।
ଭିନ୍ନ ଭିନ୍ନ କରି ଦେଖିବ, ମଲେ ଭୁତ ହୋଇବ ।

୫୭ ବାଜି ତାକେ ବାଜା ବେହେଏ
ସୁଗୁଦେ କାନେ ଏଃପା ମୁଏ ।
ରାନ୍ଧିଲେ ଶିଝେ ନାହିଁ, ପୋଡିଲେ ବାହାରେ ନାହିଁ ।

୫୮ ବୁଧି ସିଡା ନାଞ୍ଜୁ ମାହାଲିଆ ଡାଇ
ଲକୁରି ଟକି ଟକି ତିନାଞ୍ଜୁ
ଲକୁତାରା ପାଟେ କାନି
ଆତି କଡିଇ ଇଞ୍ଜାନାଇ ବେସ୍ନେଞ୍ଜୁ ।
ନିର୍ବୁଦ୍ଧିଆ, ଲୋକଙ୍କଠାରୁ ଠକିଖିଆ
ଅନ୍ୟ ଠାରୁ ପାଇଲେ ହାତୀ କିଣିବି କହେ ।

୫୯ ବାମାଣେନି ତାରି ପାଆଲା ତିଞ୍ଜି
ନାଇ କାଜୁ କାପାଲିଆ ତାସ୍କିଞ୍ଜି ।
ବ୍ରାହ୍ମଣର ଭାତ ଖାଇ ମୁଣ୍ଡରେ ପୋଛେ ।
( ପଣସ ଖାଇ ଭଣ୍ଡାରୀ ମୁଣ୍ଡରେ ଅଠା )

୬୦ ବେଲେତାଇ କାଟିଗିତେ କାସାସେ
ଡାଅକେ ଦେବଲ କୁତା କାରିସିଲା ଇନିଲୋଡ଼ା ।
ପ୍ରଥମରୁ ତ କାଟି ଦେଇଛି,
ଏବେ ଭଦ୍ର ଲୋକଙ୍କ ଆଗରେ କାହିଁକି ଯୁକ୍ତି କରିବି ।

୬୧ ବେଲେ ଇନାରା ଗିଆ ଦୁଃନେଞ୍ଜୁ
ଡାଅକେ ଏରାଆ ପଲ ପାନେଞ୍ଜୁ ।
ଆଗେ ଯାହା କରିବ, ପରେ ସେହି ଫଳ ପାଇବ ।

୬୨ ବେସ୍ତେକା ସାଦି
ବେସାଇ ଗାସ୍‌ଦି ।
କହିଲେ ମଲୁ, ନ କହିଲେ ଉବ୍‌କି (ଗଳାରେ ଦଉଡ଼ି ଲଗାଇବା) ହେଲୁ ।

୬୩ ବେଞ୍ଜାନାରା କାତା ବେନମ୍ବା ସିଡେଃନୁ ଇନେଞ୍ଜୁ
ଏଆଞ୍ଜୁ କାଲାଙ୍ଗା କ୍ରିକା ଆଆନେଞ୍ଜୁ ।
ଶୁଣିବା କଥା ଶୁଣିନି କହେ, ବଧିର ସିଏ ।

୬୪ ମିନୁରଣ୍ଡା ବାଜିତି ପାକେକାଃ ତିସି
ତେକିସାଲା ତାଇ ସାସି କାଟେତା ଡତି ।
ମାଛ ପାଇଲୁ, ରାନ୍ଧିଖାଇଲୁ
ଢେଙ୍କିଶାଳରେ ଖଟରେ ଶୋଇଲୁ ।

୬୫ ମିବା ମିଆକାଜୁ ତାନି ନିଜୁ ସିଙ୍ଗାମିତି
ଜାମାଇଡୁକି ସାଲାବାନେ ନାଣି ଦୁଲି ଡୁସିତି ।
ମାଆ ବାପ ଘରେ ତେଲ ହଳଦୀ ହେଲୁ
ଶ୍ୱାଇଁ ଘରକୁ ଯିବାରୁ ଖାର ପାଣି (ନୁଖୁରା) ହେଲୁ ।

୬୬ ମାସେକା ବାଜି ତେଏ ପାକେକା ତିସେଏ
ଡେକାନାଲା ଡାଇ ସାଜି କଟକତା ଡକାଦି ।
ମାସେ ରାନ୍ଧିଲି ପକ୍ଷେ ଖାଇଲି
ଢେଙ୍କାନାଳ ଦେଇ କଟକ ରେ ଶୋଇଲି ।

୬୭ ମେହାଁନାରା କାତା ମିଛ ଇନେଞ୍ଜୁ
କାଣାଙ୍ଗା ଆନେଞ୍ଜୁ ।
ଦେଖିଲା କଥା ଦେଖିନି କହେ, ଅନ୍ଧ ସିଏ ।

୬୮ ମ୍ଭେହେଃ ତାରା ଦର୍ମ ପୁଞ୍ଜୁପ ଲୁହା ସଟୁ ଇଞ୍ଜି ।
ପୁରୁଷର ଧର୍ମ ଲୁହା ଚଟୁ ପରି ବୁଲିବା ।

୬୯ ରଆଞ୍ଜୁ ରଆଞ୍ଜୁ ମହୁଁତାନି ନେଗାରା ବେସ୍ନେଞ୍ଜୁ
ଲାଇ ଡଇ ତାରି ବଗେକା ମାଞ୍ଜାଦୁନେ ।
ଜଣେ ଜଣେ ମୁହଁରେ ଭଲ କହିବେ
ଭିତରେ ଗୁଡିଏ ଖରାପ ଥିବ ।
( ବିଷ କୁମ୍ଭଂ ପୟୋ ମୁଖଂ )

୭୦ ଲକୁରି ଟକି ଟକି ତିସେ
କାନିଙ୍ଗେ ନିଜ ଦନ ଆତରାଜି ।
ଲୋକକୁ ଠକି ଠକି ଖାଏ
ନିଜଧନ ପରକୁ ଦିଏ ।

୭୧ ଲକୁ ରହ ଡେଃଙ୍ଗିତାକା ବୁଦିବହେ ବିହେ ।
ନାନା ମୁନିଙ୍କ ନାନା ମତ ।

୭୨ ସବୁ କୁଇଟି ସାରୁ ସିଡେ
କୁସା ପର୍ଚ୍ଚି ଗିଆ ସିଡେ ।
ଚୁଲି ମୁଣ୍ଡେ ନାହିଁ ଲୁଣ ।
ବଘାରିବୁ କେଉଁ ତିଅଣ ।
(ଦଦରା ପୋଖରୀ ସାଗର,
ମାଆ ବିକୁଥିଲା ଚିଙ୍ଗୁଡ଼ି ଶୁଖୁଆ,
ପୁଅ ହେଉଅଛି ନାଗର )

୭୩ ସତ କାତାଙ୍ଗି ସଂକିର୍ତ୍ତନ
ମିଛ କାତାଙ୍ଗି ମଇଦାନ ।
ସତ କଥା କୁ ସଂକୀର୍ତ୍ତନ
ମିଛ କଥାକୁ ମଇ ଧାନ ( ମଇ ତଳେ ପଡ଼ିବା ଧାନ )

୭୪ ସାତି ଆବା ପୁସେକାନି ଦେରି ଲକୁରିକେ ସାତିଆନେଞ୍ଜୁ
ଆପା ପୁସେକାନି ମାତି କରୁବେଏ ଆନେଞ୍ଜୁ ।
ସାଥୀ ହେଲେ ବଡ଼ ଲୋକ ସହ ସାଥୀ ହୁଏ ।
ଧରିଲେ ମତା ( ଉନ୍ମାଦ ) ପୋଢ଼ ମଧ ଧରେ ।

୭୫ ସାଲାକ୍ ଅନେକ ସାଲେଙ୍ଗାତି
ବେସାରେଃ ଏଃ ବାସି ଆଇନାତି ।
ଯା ସିଆଡ଼େ ଯାଆ ।
କିଛି ନଜାଣି ଭଡ଼ ଭଡ଼ ହେଉଛି ।
( ପାଟିରେ ବାଡ଼ବତା ନ ରହିବା )

୭୬ ସାଲାକ୍ ସାଲେଙ୍ଗାତି
ଅର୍ଡ଼ା ମେଣା ଗଲେଙ୍ଗାତି ।
ଯା ସିଆଡ଼େ, ବାଡ଼ରେ ମେଢ଼ା ନଥିବା ପରି ହେଉଛୁ ।

୭୭ ସାଲାକେ ଆନେକି ସର୍ଡ଼େଙ୍ଗାତି
ଅର୍ଡ଼ା ବେଲ୍ଲୁ ଗର୍ଡ଼େଙ୍ଗାତି ।
ଯା ସିଆଡ଼େ ସରଡ଼େଙ୍ଗି କାଠ
ବାଡ଼ର କାଠ ଗଡ଼ିଲା ଶବ୍ଦ ପରି କାହିଁକି ହେଉଛୁ ।

୭୮ ସାଲାମୁଆଁ ବିରାବଟି
ନାଇଁ ମାସାକି ଡ଼ାଙ୍ଗାପାଆଟି ।
ଯାଆରେ ଓ ଲୁ
ମୋ ଯୋଗୁଁ ତୁ କନିଆଁ ନେଲୁ ( ବାହାହେଲୁ )

୭୯ ସାସେକା ସାଲାମୁ ରଇଜଡ଼ା
ମୁଣ୍ଡିଆ ଏନୁଡ଼େ ଗଜଗଡା ।
ଘଲେ ଯାଆରେ ରଇଜଲା
ଖୋଜି ବିନି ତୋ ହାତୀ ଘୋଡା ।

୮୦ ସିଆସାକେ ଜାକା ନେଞ୍ଜୁ
ମାଟା ସାକେ କକା ନେଞ୍ଜୁ ।
ଦେଇଥିଲେ ମାଗି ଯିବ ।
ବୁଣିଥିଲେ କାଟିଯିବ ।
( ଦେଇଥିଲେ ପାଇ, ବୁଣି ଥିଲେ ଦାଇ )

୮୧ ସିତେକା ଦର୍ମଆନେ, ସିଆତାକେ ଅଦର୍ମ ।

ଦେଲେ ଧର୍ମ ହେବ, ନ ଦେଲେ ଅଧର୍ମ ।

୮୨ ସିଡ଼େ ଡ଼ାଙ୍ଗାଣିଡୁ, ଏମ୍ବେକି ବାଇ କୁଡୁ କୁଡୁ ।

ଧାଙ୍ଗିଡ଼ି ଘର ନାହିଁ । କେମିତି କାନ୍ଥ ତଡ଼େ ତଡ଼େ ଆସିବି ।

୮୩ ସିନା କୁନେଞ୍ଜୁ, ପେ୍ଡୁକି ତିନେଞ୍ଜୁ ।

ଦେଲେ ନାହିଁ, ଚୋରାଇ ଖାଇ ।

୮୪ ସେପାଦେପ ଗୁଲେ ତୁହୁମୁ ମିଛ ବେସ୍ତନୁ ।

ଛନ୍ଦ କପଟ ଛାଡ଼ି କହୁଛି, କଦାପି ମିଛ କହିବି ନାହିଁ ।

୮୫ ସେଣ୍ଡଗଜା, ଟାଣତା ଦିଆ ତାକେ ଦିତିଅ ରଜା ।

ଉପରେ ଗଜା, ତଳେ ପଡ଼ିଲେ ଦ୍ୱିତୀୟ ରଜା ।

୮୬ ହଜାର ଲକୁ ବଜାର ବାଣା

ରିଣ୍ଡିଲକୁ ରଣ୍ଡେ ନେ ପ୍ରାଣା ।

ଗହଳି ଭିତରେ ଚୁପ ରହିଲା ପରି

ଦୁଇଟି ଆତ୍ମା ଏକ ହୁଏ ।

# ଟାହୁଙ୍ଗା

## ଢ଼ମାଲି

ରଘୁନାଥ ରଥ



କୁଇ ଢ଼ଗ ପହଳି

୧ ଅନେନ୍ ପାଆଡ଼ା,
ନାଆଙ୍ଗେ ମେଃହାନା ମୁହୁଁ ଆଡ଼ା ।
ସେ ସାହୀ, ତୋତେ ଦେଖି ମୁହଁ ମୋଡ଼ିବି ।

୨ ଆଇଗ ନା ଆଜ୍ଞା
ବିଲୁଉଡ଼ି ଆତେକା ପା-ଲା ବାଜ୍ଞା ।
ହେ ମାଆ, ସନ୍ଧ୍ୟା ହେଲେ ଭାତ ରାନ୍ଧିବା ।

୩ ଆଇଗ ଇସା,
ଡ଼ାଲି କୁସାତା ମିନିଙ୍ଗା ମେସାଃ ।
ତିନେଏନୁ ସେ ଆ-ନୁ ।
ହଇଲୋ ହଇ
ଡ଼ାଲି ତୁଣରେ ମାଛ ପକାଇଲେ
ମୁଁ ଖାଇବି ନାହିଁ ।

୪ ଆଇଗ ଟୁସୁ
ଲାଆ ସାନି ଡାଙ୍ଗାଣିଡୁ ଲାବେଙ୍ଗା ପୁସୁ ।
ଦେଖ ସାବସ୍, ଦିଣ୍ଡାଘରେ ଭେଣ୍ଡା ପ୍ରବେଶ ।

୫ ଆଇଗ ଇୟାଗନା
ଗନା ସାଇଟି ବିସାଙ୍ଗା ବନାଃ
ଇସ୍ ଇସ୍, ଗୋଛା ତଳେ ରଙ୍ଗ ମାଟି ।

୬ ଆନୁ ସାଜାସେଃ ଉରୁମୁଣ୍ଡା
ବୁଡି ମୁଉକାମାନେ କୁଏରି ଗୁଣ୍ଡା ।
ମୁଁ ଯାଇଥିଲି ଉରୁମୁଣ୍ଡା (ଏକ ଗ୍ରାମର ନାମ )
ଝିଅର ପାଟିରେ କୁଇରି (ଏକ ଶସ୍ୟ) ଗୁଣ୍ଡା ।

୭ ଆନୁ ସାଙ୍ଗାସେ କରକସ୍ଥା
ବୁଡ଼ିନି ପାଇ ହିତୁ ସସ୍ଥା ।
ମୁଁ ଯାଇଥିଲି କରକସ୍ଥା (ଗ୍ରାମର ନାମ )
ଝିଅକୁ ହୋଇଛି କାନ୍ଥୁକୁଣ୍ଡିଆ ।

୮ ଆନୁ ସାଙ୍ଗାସେ ମଗଡ଼ି କାଣ୍ଠ
ଲାଆ ବାଇମାସେ ଶଗଡ଼ି ସେଣ୍ଠ ।
ମୁଁ ଯାଇଥିଲି ମଗଡ଼ଙ୍ଗିଆ ( ଗ୍ରାମର ନାମ )
ଶଗଡ଼ରେ ବସି ଝିଅ ଆସୁଥିଲା ।

୯ ଆନୁ ସାଙ୍ଗାସେ ରାକାଡ଼ି
ମ୍ରାଃନୁ ସେଙ୍ଗିତେ ମାକାଡ଼ି ।
ମୁଁ ଯାଇଥିଲି ରାକାଡ଼ି (ଗ୍ରାମର ନାମ )
ଗଛରେ ଚଢ଼ିଲା ମାଙ୍କଡ଼ ।

୧୦ ଇ-ନୁ ଲା-ଆ ବୁଡି ବଡ଼ ଲ-ବା
ନି-ନ୍ଦେ ଗୁଡାକୁଲା ନାଣି ଦ୍ଲାବା ।
ଟୋକୀ ତୁ ବଡ଼ ଲୋଭିଲୋ, ତୋ ଗୁଡ଼ାଖୁ ନିଆଁ ଝୁଲ ।

୧୧ ଉସୁକୁ ଡୁମୁ, ପ୍ଲେକା ମୁହିଃ ଦୁମୁଡ଼ ଟୁମ ଟୁମ ।
ମୁହଁ ପୋତି ଟୁମ ଟୁମ ହାଡ଼ ଚୋବାଉଛି ।

୧୨ କାଃ କାଃ କାଃ କହକ ଡ଼କା, ମାଇ ଡ଼ାଙ୍ଗାଣିତୁ ସାକେଃଡ଼ପା ।
କାଁ କାଁ କାଁ କରୁଛି ବଗ, ଆମ ଧାଙ୍ଗିଡ଼ି ଘରେ ଭୋକେ ଶୋଇବ ।

୧୩ କାଃ କାଃ କାଃ କକର କଲା, ଜାମା ତଃ ସାନେଞ୍ଜୁ ନାଆକା ମୁଲା ।
କର କର କର ଡ଼ାକେ କୁକୁଡ଼ା, ଢାଇଁ ଆଣି ଅଛି କୁକୁର ମୂଳ (ଗଣ୍ଡି) ।

୧୪ କଃଏ ଆନୁଡ଼େ କକରା, ଆଃହା ଦୁଃହିକେ ଇନୁ ଜାକେରା ।

ଯିବି ନାହିଁ ରେ ହାଡୁଆ, ତୁ ଧରିଅଛୁ ଧରଣୀ ଦେବତା ।

୧୫ କୁଆ କେରି କେରି ତାଡ଼ିକା ଗସା,

ସିରୁ ମିତେକାନେ ବୁର୍କା ଲସା ।

କୂଅ ଚାରିପଟେ କଦଳୀ ବଣ, ଗାଧୋଇଲେ ବାଳ ଭଣ ଭଣ ।

୧୬ କୁଉନା ବେଶା-ଆ, କାକେରି କୁସାତା ମିନିଙ୍ଗା ମେସା-ଆ

ତିନେନୁ ମିସାଆ, ବୁଡିନି ଡ଼ାକିତା କାଜୁ ନାଃସା-ଆ ।

ଯୋଡ଼ା ଯୋଡ଼ି କରି କହନା, ବୋଇତାକୁ ଶାଗରେ ମାଛ ପକାନା

ଖାଇବି ନାହିଁ, ଏ ଝିଅ ସହିତ ପଡ଼ିବ ନାହିଁ ।

୧୭ କୁନା ଆଜା, ସୁଡ଼ା ପଜା, ଆ-ଦି ଲାଜା ।

ଥାଉ ମାଆ, ପାଟି ବନ୍ଦ କର ନହେଲେ ଲାଜ ହୋଇଯିବୁ ।

୧୮ ଗାଦିଡ଼ି ଘାଟି, ଘାଟି ବ୍ରିଆନା, ନିଶାନେଞ୍ଜୁ ମୁସି କ୍ରୁହନା ।

ଗାଦିଡ଼ି ଘାଟିରୁ ଗଡୁଛି, ଠିଆ ହୋଇଛି, ଶିଂଘାଣି ବୋହୁଛି ।

୧୯ ଗୁରୁ ଇସିଙ୍ଗି ତାଞ୍ଜୁ ଆଜା ଦୁଃନେଞ୍ଜୁ

ସେସି ତେଃହେଙ୍ଗି ତାଞ୍ଜୁ ଆନେଞ୍ଜୁ ।

ଗୁରୁ କେମିତି ହୋଇଥିବେ, କୁଲା ପରି ହୋଇଥିବେ ।

୨୦ ଜାଆମା ବାଇନେଞ୍ଜୁ ନାଡ଼ିସି

କୁଡ଼ା ମେହା ମାନେ ପାଟ୍କା ତକ୍ଷିସି ।

ସକାଳେ ଆସିଲା ଜ୍ୱାଇଁ

ଝିଅ ଆସି ଅଛି ଦାନ୍ତ ଦେଖାଇ ।

୨୧ ଛାଙ୍ଗୋଏ, ନିକେ କପ୍‌କା ସାଙ୍ଗୋଏ ।
କଇଳପାତି, ତୁମରି ଠାରେ ନାହିଁ ହେ ପ୍ରିତୀ ।

୨୨ ଜେଡ଼ା ମାସେକା, ବାଆମୁ ବି-ଏ ଇସେକା
ଅଛି ଯଦି ମନ, କାଲି ଏତେବେଳକୁ ଆରେ ଧନ ।

୨୩ ଟାଙ୍ଗାର୍ ମୁଣ୍ଡି ମାଏଡେ ଟାଙ୍ଗାର୍ ମୁଣ୍ଡି
ଲାଆମିଡା ବାଙ୍ଗା ମାନେ ନିଙ୍ଗୁ କୁଣ୍ଡି ।
ଟାଙ୍ଗରା ମୁଣ୍ଡି ସଙ୍ଗାତେ ଟାଙ୍ଗରା ମୁଣ୍ଡି
ଯୁବତୀ ଟିଏ ଆସିଛ ( ଦିଶୁଛି ) ତେଲ ଘଡି ।

୨୪ ଡ୍ରିଆ ଡ଼ାଣ୍ଡା
ଡ଼ାଆଡ଼ି କବାତାନି ଉଗ୍‌ଦି ମେଣ୍ଡା ।
କୋତରା କାଠ,
ଛାମୁଣ୍ଡିଆ ଖୁଣ୍ଟରେ ଆଣ୍ଠୁ ବାଜିଲା ।

୨୫ ତିଙ୍ଗାମାଇ ଉଙ୍ଗାକୁସା
ଆଇ ମାଇଁ ରାସା ବାସା ।
ଖାଇଛି ମାଂସ ତରକାରୀ
କିଛି ଭଲ ଲାଗୁନି ।

୨୬ ତିଙ୍ଗାମାଇଁ କଙ୍ଗୁବାଟା
ଆଇ ମାଇ ରୁଟାମୁଟା ।
ଖାଇଛି କୁକୁଡ଼ା ଅଣ୍ଡା
ମୁଁ ହୋଇଲି  ରୋଟା ମୋଟା ।

୨୭ ନାଇ ଲେଗା ଇଞ୍ଜାଇମାଇ

ଡ଼ାଙ୍ଗାଣିଡୁ ଅଡେ ବେଗା ।

ମୁଁ ଆସୁଛି, ଧାଙ୍ଗିଡ଼ି ଘର ବାହାରେ ରାତି କାଟୁଛି ।

୨୮ ନିଜାମା ଉଲୁଲା ନିଜାମା ଉଲୁ

ସେନି ଟୁଣ୍ଡୁ ତା ଡାବୁଙ୍ଗା ଇଟାସେ

ପ୍ଲେକି ଉଟେଞ୍ଜୁ କାଲୁ ।

ତୋ ଘଇତା ଓଲୁ ଲୋ ତୋ ଘଇତା ଗଧ (ଓଲୁ)

କୁଟୁଣି ପାଖରେ ପଇସାଥିଲା ଚୋରାଇ ଖାଇଲା ମଦ ।

୨୯ ପଇସା ନଇଲେ ଗୁଡ଼ାକି ଇକେ

ଡେସ୍କା ସୁଡିନାମୁ ମାଏଞ୍ଜାକେ ।

ପଇସା ନେଇ ପଛେ ଗୁଡ଼ାଖୁ ଦେଲୋ ଟୋକୀ, ଆମ ସାଥି ଘସିବ ।

୩୦ ପିଜୁ ବାଇ ମାନେ ବୁରୁବୁରୁ ।

ଲକୁ ଇଞ୍ଜିନେରୁ ଲୁରୁ ଲୁରୁ ।

ବର୍ଷା ଆସୁଅଛି ଟୁପୁରୁ ଟୁପୁରୁ

ଲୋକ ହେଉଛନ୍ତି ଗହଳି ।

୩୧ ପେନି ସାଇମାଇ ରୁଟୁଣି ରୁଟୁଣି

ମାର୍ଗିତାନି ଶରଣ ପୁଟୁଣି

ମାଇ ବିଡ଼ାକା ଦାଲା କୁଟୁମ୍ବି ।

ଶୀତରେ ଥରି ଥରି ନୂଆଁ ଖପରା ରେ ସୋରିଷ ଫୁଟାଇଲି,

ଆମ ବାପ ଭାଇ ବହୁକୁଟୁମ୍ବି ।

୩୨ ବାଆବା କୁଆ କାଞ୍ଜୁ,
ରଗା ଭେଡ଼ା ଲୋକା କାଞ୍ଜୁ ।
ଆସିବା ଛାଡ ନି, ଅମନ ହୁଅନି ।

୩୩ ବାଇ - କେସାନାମା ସୁନାଦାଇ
ଏସେ ଦିନା ମିପେ ଆଆଦି ରାହି ।
ଆସେଲୋ ସୁନାଦାଇ ( ଏକ କାମ )
କେତେ ଦିନ ବା ରହିବୁ ତୁହି ।

୩୪ ବାଇକେ ଆପ କକିକେ
ଦଦରା ଗୁଡାକୁ ରେସାକେ ।
ଆସରେ ବାପ ବସ
ଖରାପ ଗୁଡାଖୁ ଘସ ।

୩୫ ବାଇନି ଜାମା କାଲାଙ୍ଗା
ଟିକେଏ ବେଏ ଜେଡ଼ା ସିଡେଏ
କଡୁ ଦାହାନା କସିଇକେ ।
ଭଉଣୀ ଜ୍ୱାଇଁଟା ବଧିରଟା । ଟିକିଏ ହେଲେ ସ୍ନେହ ନାହିଁ ।
( ଟାପରା କଲେ ) ହାତ ପାହୁରାଣୀ ରେ ଦେ କସି ।

୩୬ ବ୍ରିଡ଼ିପଟି, ନାଇ ମାସାକି ଜା-ଆମା ପାଟି ।
ଦଦରା କନ୍ଥା, ମୋ ଯୋଗୁଁ ପାଇଲୁ ଘଇତା ।

୩୭ ମାଣି କେରା ମାଏ ମାଣି କେରା
ଲାଆ ମିଡା ଆଜା ମାନେ କାନୁଟେରା ।
ବାଉଁଶ ଲାଠି ସଙ୍ଗାତେ ବାଉଁଶ ଲାଠି
ଯୁବତୀ ଟିଏ ଆସିଛି ଆଖି ଟେରିଟା ।

୩୮ ମୁହୁ ମୁସୁଉକା, ବାଡ଼ି ପ୍ରେସକା
ମାଇ ସେସକା, ବାଡେରୁମା ଏସେଏକା ।
ମୁହଁ ଶୁଖିଲା, ପଥର ସନ୍ଧି, ଆମ ଦିଅର ଆସିଲା ।

୩୯ ସଇତ୍ର ମାସ କାରା, କାଡ଼୍କି ମାନେ ବିରା
ଆନା ବେସ୍ତାଇ ରଗା, ଦଣ୍ଡଙ୍ଗା ତରଗାଇ ନାରା ।
ଚୈତ୍ର ମାସ ଖରା, ବାଲି ତାତୁଛି ପରା,
କଣ କହିବି ସାଙ୍ଗ, ଦଣ୍ଡୁଆ ଗଡ଼ିବା ଢଙ୍ଗ ।

# ବାକେଶିକା

## ପହଳି ବା ନାଁ ଦିଆ

ରଘୁନାଥ ରଥ



କୁଇ ଢଗ ପହଳି

୧ ଅନେନ ପାଡା ଗୁଦୁଙ୍ଗା ରାଲି ଈଞ୍ଜାମାନୁ ( ସୁକାଙ୍ଗା )
ସେ ପଡ଼ାରେ ଖୁବ ବିଛା ଯାଇଛି ( ତାରା )

୨ ଅନେନି ପାଡା ବଟକି ବୁଡ୍ଡ ଆଇମାନେ ( ଡାଞ୍ଜୁ )
ସେ ପଡ଼ାରେ ତାଟିଆ ବୁଡା ହୋଇଛି ( ଜହ୍ନ )

୩ ଅନେନି ପାଡ଼ା ଟାଙ୍ଗିଙ୍ଗା କିରିପି ଆଇମାନୁ । ( ତାଡ଼ି ଆକା )
ସେ ପଡ଼ାରେ ଟାଙ୍ଗିଆ ବୁଲେଇ ହେଉଛି ( କଦଳୀ ପତ୍ର)

୪ ଅ ପାକି ୱ୍ଲାଉ ୱ୍ଲାରି ଇସାନା ବୁଡାଲି କକ୍ସାନେ ( ସିତା ଦୁବା )
ସେ ପାଖେ ବାଳ ମୁକୁଳା କରି ବୁଢ଼ୀ ବସିଛି ( ଖଜୁରୀ ବୁଦା )

୫ ଅ ପାକି ମାଣ୍ଡି ମୁସା ମାଇ ( ଡାଞ୍ଜୁ ସ୍ନପି ଜାନେ )
ସେ ପାଖେ କଂସା ପୋତା ହୋଇଛି ( ଚନ୍ଦ୍ର ଉଦୟ ହେବା )

୬ ଅ ବନ୍ଦତାନି ମାଣ୍ଡି ମୁସା ମାଇ ( ଡାଞ୍ଜୁ )
ସେ ବନ୍ଧରେ କଂସା ପୋତା ହୋଇଛି ( ଚନ୍ଦ୍ର )

୭ ଅ ସରୁତାନି ଆବାଡେ ଆବାଡେ ଇଞ୍ଜିନେ ( ଟାଙ୍ଗି )
ଏ ପର୍ବତରେ ବାପା ବାପା ଡାକୁଛି ( କୁରାଢ଼ୀ )

୮ ଅସରୁ ତାନି ବାହିଃକା ଦୁହୁପି ନେରୁ ( ପାଇରିମାଲା )
ଏ ପର୍ବତରେ ପୁଟା ଧୋଉଛନ୍ତି ( ଶିଆଳି ଲଇ )

୯ ଅ ସରୁ ତାନି ବ୍ରିତି ବଗା ଡରଗାଇ ନେ ( ଅଲି )
ଏ ପର୍ବତରେ ଦଦରା ଭୋଗା ଗଡୁଅଛି ( ଭାଲୁ )

୧୦ ଆଡି ଗିଜ ତାନି ଡୁମ୍ବା କକ୍ସାନେ ।
( ଇଡୁ ତାନି କୁଞ୍ଜି କିବା ଆଜାନେ )
ହାତୀ ପିଚାରେ ଟିଙ୍କ ଲାଗିଛି ( ଘରେ ତାଲା ପଡ଼ିବା )

୧୧ ଇଟକା ଗାଡି ହାତି କ୍ରିକା ( ସେସିଙ୍ଗା )
ପ୍ରତ୍ୟେକ ଘରେ ହାତୀ କାନ ଅଛି ( କୁଲା )

୧୨ ଇଟକା ଗାଡି ହାତି କଜାଙ୍ଗା ( ସେନିଙ୍ଗା )
ପ୍ରତ୍ୟେକ ଘରେ ହାତୀ ପାଦ ଚିହ୍ନ ( କୁଟୁଣି )

୧୩ ଇଟିସ୍ ମିଟିସ୍ ବାରଡେଗା ( ସିରୁଣି )
ଏଡାଙ୍କ ସେଡାଙ୍କ ବାରଡାଙ୍କ ଡିଏଁ ( ଗୁଣ୍ଡୁଚି ମୂଷା )

୧୪ ଇଡୁ ଗାଣି ବଡ଼ା ଶ୍ରାସ୍କା ( ଦାରଗୁବା )
ପ୍ରତି ଘରେ ବୋଡା ସାପ ( ଏରୁଣ୍ଡି କାଠ )

୧୫ ଇଡୁ ଗାଣି ଉଡ୍ରୁ କଲାଙ୍ଗା ( ଏଜୁ ଲକାଙ୍ଗା )
ସବୁ ଘରେ ଷଣ୍ ରଢ଼ି ( ଭାତ ଡଙ୍କି ବା ଚଟୁ )

୧୬ ଇଡୁ ତାନି ପୁଲିସାଙ୍ଗା ସେକେ ସେକେନା
ଡ଼ସାନେରୁ( ନାଡ଼ିପେଡ଼ି)
ଘର ଭିତରେ ପୋଲିସ୍ ମାନେ ଧାଡି ହୋଇ ଶୋଇଛନ୍ତି ( ନିଆପେଡି )

୧୭ ଇନୁ ନିଙ୍ଗାନେ ପାଇଟି ଗିଦି ଏମ୍ନେରିକି
ବେଏ ଗିଆଜିଆଇ (ଶୁଶୁକାନଙ୍ଗା )
ତୋ କାମ ତୁ ନିଜେ କରିବୁ, କାହାରିକି କରାଇବୁନାହିଁ ( ଶୋଇବା )

୧୮ ଇମ୍ୱା ମାଞ୍ଜାଦୁମୁ ନୁରି କି ଟୁଲି
ଆନୁ ସାଜି ମାଇ ରାଇଜ ବୁଲି ( ଗଙ୍ଗେରି ପୁଉଙ୍ଗା ପୁଜୁ, ପଲ)
ଏଠାରେ ଥାଉ ଉଷା ଚିଡି ମୁଁ ଯାଉଛି ରାଇଜ ବୁଲି
(ଗଙ୍ଗଶିଉଳି ଫୁଲ ଓ ଫଳ )

୧୯ ଇମ୍ବାନେ ଜକ୍‌ସା ଦୁହୁଦି,

ରାଇଜ ଗୁଲେ ତ୍ରେଜାନା ବାଦି ( କାନ୍‌ଙ୍ଗା )

ଏଇଠାରେ ବସିଛି, ଦୁନିଆ ବୁଲି ଆସୁଛି ( ଆଖି )

୨୦ ଇମ୍ବେକି ସାାସେକା ବେଏ ଆହାନା ସାଜି

ଜାତେକା ବେଏ ଆହାନା ବାଦି ( ଡୁଗା )

ଯୁଆଡ଼େ ଗଲେ ଧରି ଯିବୁ

ଆସିଲେ ଧରି ଆସିବୁ ( ଛାଇ )

୨୧ ଉଡିଆତେ ଗୁଗୁରି ଦିକାନେ ବଲି ( ଅଗାନାଙ୍ଗା, ପାକାଙ୍ଗା )

ଉଡିଗଲା କାପତା, ପଡିଗଲା ବଣି ( କାଣ୍ଡିଆ କାଠ ଫାଶ ପକାଇବା )

୨୨ ଏକା ବୋକେଣି ଗିଦ ଡୁସାକେ ( ସଡୁ )

ଏକା ମୁହଁ ହୋଇଅଛି ( ଚୁଲୀ )

୨୩ ଏଜଡି ସାଜିନେ ଜାଇଁ ଜାଇଁନା

ଅଡେଟି ବାଇନେ ମାସି ଆଜାନେ ( ଟାଙ୍ଗି )

ଘରୁ ଗଲା ଚକ ଚକିଆ

ବାହାରୁ ଆସିଲା ଅସକଟିଆ ( କୁରାଢ଼ୀ )

୨୪ ଏଜଡି ସାଜିନେ ଡିତି ଡିତିନା

ଅଡେଟି ବାଇନେ ପାଞ୍ଜାନା ( ଗାରା )

ଘରୁ ଗଲା ଭୋକିଲା

ବାହାରୁ ଆସିଲା ପୁରିଲା ( ମାଠିଆ )

୨୫ ଏଙ୍ଗଡି ସାନାବାନି ସାକିସାଇ  ସାଇ ମାନେ
ବାନା ବାନି ପାଞ୍ଜା ନାଇ ବାନେ ( ସିହୁରି )
ଘରୁ ଗଲା ବେଳେ ପେଟପୁରା
ଆସିଲା ବେଳେ ଭୋକିଲା ( ଗାଣ୍ଡୁଆ )

୨୬ ଏନେନ ପାକି ଗୁଦୁଙ୍ଗା ଲାଞ୍ଜା ଆଙ୍ଗା ମାନେ ( ସୁକାଙ୍ଗା )
ସେ ପାଖେ ଖୁଦ ବିଛା ଯାଇଛି ( ତାରା )

୨୭ ଏସେ ଉଟେକା ବେଏ ପାଞ୍ଜେ ( ବିଲୁ )
ଯେତେ ପିଇଲେ ସରେ ନାହିଁ ( ପବନ )

୨୮ ଏସେ ତିଞ୍ଜି ଦୁହୁଦି ପାସ୍କି ଦୁହାଇ ( ଗୁଏଲି )
ଯେତେ ଖାଇଲେ ବି ପେଟ ପୁରେ ନାହିଁ ( ବେନ୍ଧା )

୨୯ କଗେରି କଗେରି ମିଡାକା କୁଡୁ କାସ୍କିମାନେରୁ ( ଡ଼ମ୍ବୁ )
ଛୋଟ ଛୋଟ ପିଲାମାନେ କାନ୍ଥ ଲିପୁଛନ୍ତି (ଉଇ)

୩୦ କଗେରି କଗେରି ଡ଼େଟିଡାରି
ଶହେଟାସିଣ୍ଡାଙ୍ଗା ଟାଟା ନାରି ( ଡାଡ଼ିମ୍ବ୍ରାହୁଣି )
ଛୋଟ ଛୋଟ ଅଣ୍ଟାରେ ଶହେ ଲୁଗା ପିନ୍ଧେ ( କଦଳୀ ଗଛ )

୩୧ କଗେରି କଗେରି ଲାଆ ସାକା
ଇକେ ଗିନା ଏନ୍ଦା ପୁନ ( କୁଡିଙ୍ଗା ଡାମ୍ବିନା )
ଛୋଟ ଛୋଟ ଦିଣ୍ଡାମାନେ
କେତେ ଘର ଲିପି ଜାଣିଛନ୍ତି ( ଉଇ )

୩୨ କଡିତାକେ ଡିଇମାନେ
ଇଟିତାକେ ଜାମାଇ ମାନେ ( କରଡ଼ି )
ପିଲାକୁ କାଢ଼ିଲେ କାନ୍ଦୁଛି, ରଖିଲେ ତୁନି ରହୁଛି (କରିଡ ବା କରଡ଼ି )

୩୩ କାତକେ ମାସେକା ଗୁତକେ ଦୁଃନେ ( ଡ୍ଲାଉ )
କାଟୁଥିଲେ ବଢୁଥିବ ( ବାଳ )

୩୪ କାମି ତାକା ଗାଜା ପାହେଏ ( ସିରୁ )
ହାଣିଲେ ଗାର ପଡିବ ନାହିଁ ( ପାଣି )

୩୫ କାଲି କଡି ନକାନେ, ରାତା କଡି ବିଅଟି ଆଜାନେ ( ଗଞ୍ଜୁ )
କଳା ଗାଈ ଆଗ, ନାଲି ଗାଈ ପଛ ( ଭାଲିଆ )

୩୬ କିରି ବିରି କୁଡୁ ବ୍ଲୁକୁ ( ନେଡି )
ଘରି ଘରି କାନ୍ଥଭୂସ୍ ( ତେନ୍ତୁଳି )

୩୭ କିରି ବିରି କୁଡୁ କ୍ଲୁହ ( ନେଡିପ୍ଲେନୁ କଡିନା )
ବୁଲିବୁଲି ଶଶ ବାହାରିବା ( ତେନ୍ତୁଳିରୁ ମଞ୍ଜିକାଢ଼ିବା )

୩୮ କେଁ କେଁ ଇଞ୍ଜିନେ କରାଟ
କରାଟ ଲାଇଏ ଡିକିନେରୁ
ସୂତା ଦଉଡ଼ି ଡାଇ ତହପାନେରୁ
ବାସାମାନି ବେଜୁ ସିରୁ ଉର୍ପିମାନେ । ( ନିଜୁ ଗୁରୁଣା )
କେଁ କେଁ ହେଉଛି କରାଟ
କରାଟ ଭିତରେ ଲାଗିଛି ନାଟ
ସୂତା ଦଉଡିରେ ବନ୍ଧା ହୋଇଛି
ଶୁଖିଲା କାଠରୁ ପାଣି ବୋହୁଛି । ( ତେଲ ଘଣା )

୩୯ କେତାଙ୍ଗା କେତାଙ୍ଗା ବୁଡା ଡୁକୁଲି ଆଜାନା
ଡ୍ରେବିମାନେଞ୍ଜୁ (କାତ )
ବିଲରେ ବିଲରେ ବୁଢ଼ା କୁଜାହୋଇ ବୁଲୁଛି ( କୋଡ଼ି )

୪୦ ଗାଡି ଆନାଙ୍ଗୁନେ ଡ୍ଲାଉ ସେଣସା ନେଞ୍ଜୁ ( ଢଏଲି )
ଜନ୍ମ ରୁ ବାଳ ପାଚିଯାଇଛି ( ମକା )

୪୧ ଗୁଲେ ମିଙ୍ଗିକି ମେହାତ କାଜେ, ତାନ୍ଦୁ ଟୁକୁ ବେହେ ( ନାଁତରା)
ସବୁ ଆଡେ ଦେଖିବ, ତାତଳ ଅନ୍ଧାର ( ଲଣ୍ଠନ )

୪୨ ଗୁହୁଃତାନେ ତେକତାନେ ( ଅଙ୍ଗି )
ଢ଼ୋକିବ, ବାନ୍ତି କରିବ ( ସାର୍ଟ)

୪୩ ଚଅ ତାଙ୍କେରିଆରୁ କେତାଙ୍ଗା ଗାଡି
ଡ୍ରେବିନେରୁ (ସେରୁ ଡୁଇନାରି )
ଛଅ ଭାଇ ବିଲମାଳରେ ବୁଲୁଛନ୍ତି (ହଳକରିବା )

୪୪ ଜଡି କେରି କେରି ଡୁବୁଲି ବୁଡାଲି ଆଇନେ ( ରାପେଣି )
ନଦୀ ତଡେ ତଡେ ବୁଢ଼ୀ ନଇଁ ନଇଁ ବୁଲୁଛି ( କୋଡି )

୪୫ ଜଡି କେରି କେରି ବୁଣ୍ଡି ନାହୁଣି ଡ୍ରେବାଇନେ ( ବିମୁଡି )
ନଦୀ ତଡେ ତଡେ ବାଣ୍ଡି କୁକୁର ବୁଲୁଛି ( ମାଛ ଖାଇଲେଇ )

୪୬ ଜଡେକା କ୍ରାଣ୍ଡାଙ୍ଗା ରଣ୍ଡେନେ କାଡୁ ( ପାଇରାକୁ )
ଦୁଇଟା ଜଙ୍ଘ, ଗୋଟିଏ ଗୋଡ଼( ଶିଆଳି ପତ୍ର )

୪୭ ଜିକା ଜିକି ବାଡି ତାନି ମାଞ୍ଜୁ କୁରାନେ ( ବାଙ୍ଗସି )
ପଥର ବଣିରେ ସମ୍ବର ପିଲା ( ଜିଭ )

୪୮ ଟାଡ଼ିନି କଡିତାକେ ମିଡା ସାନେ ( ଲାଞ୍ଜା ପୁଞ୍ଜୁ )
ମାକୁ କାଢ଼ିଲେ ପିଲା ମରିଯିବ ( ଲାଜ କୁଳୀ ଗଛ )

୪୯ ଟାଡ଼ିନି କୁଇଟି ମିଡା ଡ଼ଡ଼ଗାଇ ମାନେ ( ବେସର ବାଡ଼ି )
ମା ଉପରେ ପିଲା ଗଡୁଛି ( ଶିଳ )

୫୦ ଟାଡ଼ି ଟାଙ୍ଗାରି ମିଡା ବୁରେଡ଼ି ( ବାଟା )
ମାଆ ଟାଙ୍ଗିରି ପିଲାର ବାଳ ଅଛି ( ଅଣ୍ଡା )

୫୧ ଟାଡିନି କଡିତାକେ ମିଡ଼ାଙ୍ଗା କିଲ୍‌କି ( ବରେସାପ୍‌କା )
ମାଆକୁ କାଢ଼ିଲେ ପିଲାକୁ କାଟେ ( ବରକୋଳି କଣ୍ଟା )

୫୨ ଟି ଟି ସାଲାଡେ ବୁଡା ପିକାଦି ( ଲୁରୁ )
ଟିପ (ଅଗ)କୁ ଯାଆନା ବୁଢ଼ା ଖସି ପଡ଼ିବୁ ( ଆଙ୍କୁଡି )

୫୩ ଟିକେ ସିରତାନି ମୁହିଆନେ ( ସାରୁ )
ଟିକିଏ ପାଣିରେ ଉଭେଇ ଯିବ ( ଲୁଣ )

୫୪ ଟିକେ ତାରି ସୁଃଏ ଆନେ ( ନାଡି )
ଟିକିଏ ଜିନିଷ ବହୁତ ହୁଏ ( ନିଆଁ )

୫୫ ଡଲା ତାନି ନସ୍‌କା ପ୍ରୁସୁନା ମାନୁ ( ଟୁ ଟୁ ଲାଇ ବାହିକା )
ନିଶାଣରେ ଲଇ ମାଳ ପୁରିଛି ( ପେଟରେ ପୁଟା )

୫୬ ଡାକାଲିଆ ସାତ ଗୁଟା ଗାରଙ୍ଗା
କାନକା କାନକା କ୍ରିକା ମୁଙ୍ଗେଲି ଗାରଙ୍ଗା ( ଥ୍ଲାଉ )
ଗୋଟିଏ ଟେକାରେ ସାତ ଟି କଣା
ଆଖି ଆଖି କାନ କାନ ନାକ କଣା ( ମୁଣ୍ଡ )

୫୭ ଡେଙ୍ଗା ବାମାଣେନି ତାଃଇ ସଅଟା କାଟ୍ଟା ( ଶିକାଙ୍ଗା )
ଡେଙ୍ଗା ବ୍ରାହ୍ମଣର ଗୋଡ ଛଅଟା ( ଶିଙ୍କା )

୫୮ ତୁଜଣ୍ଡି ସରୁ ଡ଼ାଇ ମାଙ୍କୁ ଦେଗାଇନେ ( ମୁସି )
ଗଡାଣିଆ ପର୍ବତରୁ ସମ୍ବର ଗଡୁଛି ( ସିଂଘାଣି )

୫୯ ତଗି ତାକେ ସାଲେ, ବେଟେକା ସାଲେ
ତୁଡ଼ିତାକେ ସାନେ ( ଡେକି )
ଲାତ ମାରିଲେ ଯିବନି,ପିଟିଲେ ଯିବନି
କୁଦିଲେ ଯିବ ( ଢେଙ୍କି )

୬୦ ତାଙ୍କେ ରିଆରୁ
ସୁଟିଙ୍ଗା ଆହି ଆହି ସାଇନେରୁ ( ଡାବାତାଇ କାଣାଙ୍ଗା )
ଦୁଇ ଭାଇ, ଚୁଟି ଧରା ଧରି ହେଉଛନ୍ତି ( ଛଣର ଖୁଞ୍ଚ )

୬୧ ତାଙ୍କେରିଆରୁ
ସାହାପି ସାହାପି ସାଇନେରୁ ( କାନକା ଲେଞ୍ଜାଙ୍ଗା )
ଦୁଇ ଭାଇ ବାଡିଆ ବାଡି ହେଉଛନ୍ତି ( ଆଖିପତା )

୬୨ ତାଙ୍କେରିଆରୁ ମଣି ଆଇସି ସାଇନେରୁ ( ଅଡ଼ା, ମେଣା )
ଦୁଇଜଣ ଧରା ଧରି ହେଉଛନ୍ତି ( ବାଡ ଓ ମେଢ଼ା )

୬୩ ତିନି ମିନୁ ତ ନେମ୍ବିନେ, ତିନାନା ମିନୁ ନେମ୍ବେ( କାହେଲି )
ଖାଇବା ମାଛ ସରିବ, ନଖାଇବା ମାଛ ରହିବ ( ଶାଳ ପତ୍ର ର ପିକା )

୬୪ ତୁମୁତୁମୁ ପଲା, କକ୍ତାଇନିଞ୍ଜା ( ଗରା )
ପଳା ପଳା ପୋଲା, ବସିଲାଣି ନିଦା ( ମହୂଲ ଫଳ )

୬୫ ତୁମୁ ତୁମୁ ପିକରଡି, ଆନୁ କକ୍ତାଇ ( ଜମ୍ଭା )
ଉଠୁ ଉଠୁ କାପ୍ତା, ମୁଁ ବସିବି ( ପିଢ଼ା )

୬୬ ଦଶ ଲକୁ ପ୍ଲାମ୍ବୁ ସାସେରୁ
ଯେ ରିଆରୁ ନେ ତିସେରୁ ( ଡ୍ଲାଉ ପେନୁ ଉଗତେରୁ )
ଦଶ ଜଣ ଶିକାର କଲେ
ଦୁଇ ଜଣ ଖାଇଲେ ( ଉକୁଣି ମାରିବା )

୬୭ ଦାରା କୁହ, ଇସେକା ଟାକାଡଅ ( ଜଏଲି )
ଦ୍ୱାର ଖୋଲିଲେ ଟଙ୍କା ପଡିଲା ( ମକା )

୬୮ ଦିନା ଗାଣି ବଅଁଡ୍ରାଟକା ( ପାଟ୍ଟୁକା ସୁହାନୁ )
ସାରାଜଗତ ବାଛୁରୀ ପିଲା ( ଛତୁ ଫୁଟିବା )

୬୯ ଦିନା ଗାଣି କ୍ଲାଇଙ୍ଗା ( ଦାର୍ନିପେନୁ )
ସାରା ଜଗତ ଖଳା ( ଧରଣୀ ଦେବତା )

୭୦ ଦିନା ଗାଣି ଜଡେକା ଦାଣ୍ଡିଙ୍ଗା ( ବେଲା, ଡାଞ୍ଜୁ )
ସାରାଜଗତରେ ଦୁଇଟା ଧନୀ ( ସୂର୍ଯ୍ୟ, ଚନ୍ଦ୍ର )

୭୧ ଦେଗି ଦେଗି ମେଣା ଉସା ( ପିଙ୍ଗା ପିତି )
ଧାଇଁ ଧାଇଁ ମେଢ଼ା ଗାଡିଲି ( ଝାଡା ବସିବା )

୭୨ ନକି ନକି ଟାକାଙ୍ଗା ତୁଃପାଇ ମାଞ୍ଜି (ଦେଅଲାକା )

ଆଗକୁ ଆଗକୁ ଟଙ୍କା ଫିଙ୍ଗୁଛି (ଛେପ )

୭୩ ନାକା ମାନେ ସୁକୁନ୍ତଲା

ମାଦେ ମାନେ ଗାର୍ଭାଡ଼ଲା

ବେଅଟି ମାନେ ବିଟିଂକିଲା (ପାଞ୍ଜି )

ଏ ଘରେ ଅଛି ସୁକୁନ୍ତଳା

ମଝିରେ ଅଛି ବିରାଟ ତୋଲ

ପଛରେ ଅଛି ବିଟି ବିଟି କିଳା ( ଘୁଷୁରୀ )

୭୪ ନିଉନ ଡୁଡ଼ାଙ୍ଗା, ନିଙ୍ଗେ ନେଃ ସାଆତାନୁ ( କାନକାଥ୍ଲଉ )

ତୋର ବାଡି ତୋତେହିଁ ପିଟିବ ( ଆକ୍ଷିପତାର ବାଳ )

୭୫ ନିମ୍ୟାନା ନି ଡୁଡେକା, ସାଙ୍ଗା ନାନି ରିଡୁଡା ( ପଣସି )

ଜୀଇଁଥିଲେ ବାଡିଏ, ମରିଗଲେ ଦିବାଡି ( ପଣସ )

୭୬ ନେଡେ ଲଙ୍ଗେରି, ସେଣ୍ଡ ସୁଗା ( ମାଦା କାଲୁ )

ତଳେ ଶାଳ ଖୁଣ୍ଟ ଉପରେ ଚୁଆଁ ( ସଲପରସ )

୭୭ ନିଙ୍ଗେ ଆଡି ଗୁହାଞ୍ଜାନେ ( ଇଡୁ )

ତୋତେ ହାତୀ ମିଳିଛି ( ଘର )

୭୮ ନିଙ୍ଗେ ମେହେତା ନେରୁ,

ନାଙ୍ଗେ ଅଆନେରୁ ( ବିହେରି ମିନକା )

ତୋତେ ଦେଖିବେ ମୋତେ ଧରିବେ ( ଜାଲ ଓ ମାଛ )

୭୯ ପାଗା ମାଞ୍ଜାଦୁନେ ଇମ୍ଭା
ଅତା ମାଞ୍ଜା ଦୁଃନେ ଅମ୍ଭା ( ପୁତ୍ତା )
ଜନ୍ମ ଏଠାରେ, ଫଳ ସେଠାରେ ( ବୋଇତାଳୁ )

୮୦ ପାରି ଇସେକା ଲଙ୍ଗି କଜୁ ବୁରାନା ଉଡିତେ ( ନାଣିଦୁଲି )
ରାତି ପାହିଲେ ଧଳା କୁକୁଡ଼ା ଉଡିଲା ( ପାଉଁଶ )

୮୧ ପାରି ଇସେକା ଶିଶି ପାପା ( ସେରୁଡୁତା )
ସକାଳ ହେଲେ ମାଂସଭାତ ( ପାଞ୍ଚଣ ବାଡ଼ି )

୮୨ ପାରି ଇସେକା ଅକଲି ମିଞ୍ଜିନି ସାନୁ
ବିଲୁଡ଼ି ରାହାତାଙ୍ଗି ବାନୁ
( କଡିଙ୍ଗା ଗହେଲି ତାରି ଆରଗଡିବେସ୍କା )
ସକାଳ ହେଲେ ବାରିପଟେ,
ସଂଧ୍ୟା ହେଲେ ଦାଣ୍ଡ ପଟେ ( ଗୁହାଳ ଘରର ଆଗୁଳା କାଠ )

୮୩ ପୁର୍ତ୍ତେଣି ବାତିଙ୍ଗାନି ନଲୀ ବୁ଼ଇନେ ( ପିତୁ )
ବଡ ପଥର ସନ୍ଧିରେ ବନ୍ଧୁକ ଫୁଟୁଛି ( ପାଡ )

୮୪ ପୁସି କେରି କେରି ତୁମ୍ଭାଙ୍ଗା ଡାଜାଇନୁ ( କାଲୁବାଜିନା )
ହୁଙ୍କା ତଡେ ତଡେ ଗୁଣ୍ଡୁରି ବିଦାରୁଛି ( ମଦ ରାନ୍ଧିବା )

୮୫ ବାଇମାନେ ବାଏଞ୍ଜୁ, ମାଇସିଡା ତାକେ ବାନେଞ୍ଜୁ ( ଜଡି )
ଆସୁଥିଲେ ଆସୁଥିବ, ନଆସିଲେ ନାହିଁ (ନଦୀ)

୮୬ ପୁଜୁ କଗାରି ତାନୁ ଦେରାଡ଼ି ( ଡଅଣ୍ଡି )
ଫୁଲ ଛୋଟ ଫଳ ବଡ଼ ( ଲାଉ )

୮୭ ବାଜି ତାକେ ବେଏଃ,
ସୁଗଦେବା ଏତାଃ ତେକାଇ ( ଝାଡ )
ରାନ୍ଧିଲେ ଶିଝିବ ନାହିଁ, ପୋଡିଲେ ମିଳିବ ନାହିଁ ( ବାଳ )

୮୮ ବାଜିତାକେବେଏ, ସୁଗତେକା ବେନେ ( ଝାଡ )
ରାନ୍ଧିଲେ ଶିଝିବ ନାହିଁ, ପୋଡିଲେ ସଢ଼ିବ ନାହିଁ ( ବାଳ )

୮୯ ବାବେ ଦୁବା ତାନି ପାନା ସଟେ ( ସିରେଣି )
ପନାସି ବୁଦାରେ ବେଙ୍ଗ ପଶିଲା ( ପାନିଆଁ )

୯୦ ବିଶା କ୍ଟିଟି ପୁଡ଼ା ବତୁ ( ପିଙ୍ଗା )
ବିଶା ବାଡି ଉଠିଲା, ପୁଡାତଳେ ପଡ଼ିଲା ( ଗୋବର )

୯୧ ବାଡ଼ି ଢକି ତାନି କ୍ଡାଡି ଡ଼ସାନେ ( ବାଙ୍ଗସି )
ପଥର ସନ୍ଧିରେ ବାଘ ଶୋଇଛି ( ଜିଭ )

୯୨ ବୁଡାଲି ରଣ୍ଡେ ଇକେ ଗିନା ମୁରିଙ୍ଗା
ବାହାପା ପୁନେ ମୁରଡ଼ି ବେଗଜ୍ଜୁ ( ମୁରୁଡ଼ି ବେଗଜ୍ଜୁ ମ୍ଣାହାନା )
ବୁଢ଼ୀଟିଏ କେତେ ମୁଢ଼ି ଭାଜିପାରୁଛି ( କେନ୍ଦୁ କାଠ ଜାଳିବା )

୯୩ ବିଶା ଦୁଡା ଟ୍ଟିଙ୍ଗ ପାର୍ଡି ପୁହ
( କଡି ଡ୍ରେଅଣ୍ଡି ଡେସାନା ପିଙ୍ଗା ପିତିନେ )
ବିଶା ବାଡି ଉପରକୁ ଉଠିଲା
ବିରୁଡ଼ି ବସା ତଳେ ପଡିଲା ( ଗୋରୁ ଲାଞ୍ଜ ଟେକି ହଗିବା )

୯୪ ବୂଡା ସାଙ୍ଗ ବେପିମାନେଞ୍ଜୁ
ବୂଡ଼ାଲି ଏତ୍‌କିମାନେ (ପେଡ଼ା )
ବୂଢ଼ା ଚାଙ୍ଗୁ ବଜାଉଛି, ବୂଢ଼ୀ ନାଚୁଛି ( ଫେଣ )

୯୫ ବୂଡାଇ ରି ଡୁଡ଼ା ଦେତେକା ଲାବେନି ଡୁଡେକା ( ପଣସି )
ବୂଢ଼ାବେଳେ ଦୁଇବାଡ଼ି, ଭେଣ୍ଡିଆ ବେଳେ ବାଡିଏ ( ପଣସ )

୯୬ ବୂଡାର ଆଜୁ, ସାତା ମାର୍ଗାନା କକ୍‌ସାନେଞ୍ଜୁ ( ପାଟୁକା )
ବୂଢ଼ା ଜଣେ, ଛତା ଫୁଟାଇ ବସିଛି ( ଛତୁ )

୯୭ ବୂଡାଲି ରଣ୍ଡେ ଧ୍ଲାଉ ଧ୍ଲାରି ଇସାନା କକ୍‌ସାନେ ( ସିତା ଦୁବା )
ବୂଢ଼ୀ ଟିଏ ବାଙ୍କ ମୁକୁଙ୍କା କରି ବସିଛି ( ଖଜୁରୀ ବୂଦା )

୯୮ ବୂରୁ କଲି ମାରିନେ ଟାଙ୍ଗାରିନି
ଟାଙ୍ଗାରି ମାରିନେ ବୂର୍କେଲିନି ( ବାଟା )
ପକ୍ଷୀ ଜନ୍ମ କରେ ଟାଙ୍ଗରା, ଟାଙ୍ଗରା ଜନ୍ମ କରେ ପକ୍ଷୀ ( ଅଣ୍ଡା )

୯୯ ମାନିକେ ମାସେକା, ଶୁଞ୍ଜାକେ ସୁସେକା
ବିଃଏ ବାଢିମା ଇସେକା ( ବେଲା, ଡାଞ୍ଜୁ )
ଥିଲେ ଥିବ, ଶୋଇଲେ ଶୋଇବ
କାଲି ଏତିକି ବେଳେ ଆସିବ ( ସୂର୍ଯ୍ୟ, ଚନ୍ଦ୍ର )

୧୦୦ ମ୍ରାଃନୁ ତାନି ଜଡେକା ପଟାଙ୍ଗାନୁ ଆତେକା
ଏରି ଆନି ମେହେପି ସିଡେ ସିଡେ ( କାନକା, ଲେଞ୍ଜାଙ୍ଗା )
ଗୋଟିଏ ଗଛରେ ଦୁଇଟି ପକ୍ଷୀ ତଥାପି
ଆକ୍ଷିକୁ ଦିଶୁନି ( ଆକ୍ଷି ଓ ଆକ୍ଷିପତା )

୧୦୧ ମ୍ରାଃନୁ ମାନେ ଆକା ସିଡଃୁ
ପୁଷ୍ଟୁମାନେ ପଲସିଡେ ( ପିଟ ସାପକା )
ଗଛ ହୋଇ ପତ୍ର ନାହିଁ
ଫୁଲ ଅଛି, ଫଳ ନାହିଁ ( ସପ୍ତପେଣି )

୧୦୨ ମିଡା କଡ଼ିତାକେ ଟାଡ଼ି ଡ଼ିଇମାନେ ( ପ୍ତିହା )
ପିଲା କୁ କାଢ଼ିଲେ ମାଆ କାନ୍ଦୁଛି ( ଆମ୍ବ )

୧୦୩ ମିଡା ଦେରାଡ଼ି ଟାଡ଼ି କଗାରି ( କୁନା )
ପିଲାବଡ଼, ମା ଛୋଟ ( କନ୍ଦ ମୂଳ )

୧୦୪ ମିଡାକଡ଼ି ତାକେ ଟାଡ଼ି ଗ୍ରପିମାନେ ( ବରେସାପୁ )
ପିଲାକୁ କାଢ଼ିଲେ ମା ରାମ୍ବୁଛି ( ବର କୋଳି କଣ୍ଟା )

୧୦୫ ମିଡାଙ୍ଗା ମାରିନେ ବାରଜାତି ( ବିରାଟେକି )
ବାରଜାତି ପିଲା ଜନ୍ମ ହୁଏ ( ମାଟି ହାଣ୍ଡି )

୧୦୬ ମେହେତାକା ସିର, ଉଟେକା ବୀର ( କାଲୁ )
ଦେଖିଲେ ପାଣି, ପିଇଲେ ବୀର ( ମଦ )

୧୦୭ ମେହତେକା କଡୁ ମୁଣ୍ଡି
ଇଡୁଗାଣି ବୁଲି ଆଇନେ ( କଡୁ )
ଦେଖିଲେ ହାତ ପାହୁରାଣି
ଘର ଘର ବୁଲୁଛି ( ହାତ ପାହୁରାଣି )

୧୦୮ ରଗଟା ଡାଇ, ରବାହାନେ ପିଡିନୁ ( ପୁକି ପେଣା )
ଗୋଟିଏ ଗୋଠର ସମସ୍ତେ,ଗୋଟିଏ ଜାଗାରେ ହଗିବେ।(ମହୁଫେଣା)

୧୦୯ ରଣ୍ଡା କଡି ଡତେକା
ପିଃତେକାନି ଜଡେକା ( କାଣ୍ଡିପାକା )
ଗୋଟିଏ ଗାଈ ଶୋଇଥିଲା
ଛାଡ଼ିବାରୁ ଦୁଇ ହେଲା ( ଦାନ୍ତ କାଠି )

୧୧୦ ରଣ୍ଡେ ଶିସା, ବାର ବିଶା ( ସାରତା କାଙ୍ଗା )
ଗୋଟିଏ ଶିସା, ବାର ବିଶା ( ସଳପ ଫଳ )

୧୧୧ ରଣ୍ଡେ ମଇଁଷି ଜଡେକା କିଲାଙ୍ଗା
ଇସିଙ୍ଗି ଇସିଙ୍ଗି ତହପିନେଞ୍ଜୁ ଗଉଡମିଡା ( ଜୁଏଲି )
ଗୋଟିଏ ମଇଁଷି ଯୋଡିଏ କୀଳା
କେମିତି ବାନ୍ଧିବୁରେ ଗଉଡ ପିଲା ( ଯୁଆଳି )

୧୧୨ ରଣ୍ଡେନେ ପାଟି ଜଡ଼େକା ଦାରଙ୍ଗା (ମୁଙ୍ଗେଲି )
ଗୋଟିଏ ଶେଣିରେ ଦୁଇଟି ଦ୍ୱାର ( ନାକ )

୧୧୩ ରାଜେନିତାରା ପଟି ପ୍ରାପା ମୁଏରୁ ( ରୁଟୁ )
ରାଜାଙ୍କ ପଟି ଗୁଡ଼ାଇ ପାରିବି ନାହିଁ ( ରାସ୍ତା )

୧୧୪ ରାଜେନି ତାରି ପିନ୍ଧାନି ଗରଡ ( ଶିକାଙ୍ଗା)
ରାଜାର ଗାଣ୍ଠି କଣା ( ଶିକା )

୧୧୫ ରାଜେନି ବନ୍ଦତାନି ଆନାରି ବେଏ ଦିଆଦଃହେ(ନଣିଆ)
ରଜାର ବକ୍ଷ ରେ କିଛି ପଡ଼ି ନଥିବ ( ନଡ଼ିଆ )

୧୧୬ ରାଜେନି ତାରା ଗାଜି ଟାଟା ମୁଏରୁ ( ରୋଟୁ)
ରାଜାର ଲୁଗା ପିନ୍ଧି ପାରିବି ନାହି ( ସଡକ )

୧୧୭ ରାଜେନିତାରା ଶିକାଲାଙ୍ଗା ଟାଟା ମୁଏରୁ ( ସତ୍ରକା )
ରାଜାର ଶିକୁଳୀ ପିନ୍ଧିପାରିବ ନାହିଁ ( ଜନ୍ଦାଧାଡ଼ି )

୧୧୮ ରାଜେନି ତାରି ଡାଣ୍ଡୁ କିଣିସା କିଣିସି ( ଅଡ୍ରିଗାର )
ରାଜାର ସୁଡଙ୍ଗ ଅଙ୍କା ବଙ୍କା ( ମୂଷା ଗାତ )

୧୧୯ ରାଜାଲି ନାଆ ସିକାଲାଙ୍ଗା ତୁସା ମୁଏରୁ ।(ତାରକାସରକା)
ରାଣୀର ଶିକୁଳୀ ପିନ୍ଧି ପାରିବି ନାହିଁ ( ଜନ୍ଦା ପିମ୍ପୁଡ଼ି )

୧୨୦ ରାଜେନୁ ତାଃ ଇମ୍ବାଇ ପୁଟ୍କା କିସ୍କାମୁନେ ( ପଣସି )
ରାଜା ର ଦେହରେ ଘିମିରି ହୋଇଛି ( ପଣସ )

୧୨୧ ରାଜେନୁ ତାଃ ଇମ୍ବାଇ ପଟି ପ୍ରିପା ମୁନେ ( ଡାଣ୍ଡୁ )
ରାଜାର ପଟି କିଏ ଉଠେଇ ପାରିବ ( ରାସ୍ତା )

୧୨୨ ରାତା କରାଟି ଲାଇ ମାକାଡ଼ି ଏଡ଼କିମାନେ ( ତଅଗା )
ନାଲି କରାଟ ଭିତରେ ମାଙ୍କଡ ନାଚୁଛି ( ଡ଼ିମିରି ଫଳ )

୧୨୩ ରୁତୁଗୁଟା, ସିକାଲି ମୁତା
ସିକେ ଦାହାନା ସ୍କକାନା କୁତା ( ପାନା ଅସ୍କିନା )
ଡରି ଡରି କରିଥିବା ବନ୍ଧୁତା ଢ଼ାଙ୍କରେ ଶିକୁଳିଭଳି
ବାଉଁଶ କାଠି ଗେଞ୍ଜିହେଲା ଭଳି ( ଠୋଲା ସିଇଁବା )

୧୨୪ ସରୁ ଅପାକି କେତା ଟସ୍କି ( ବେଲା )
ପର୍ବତ ସେପାଖେ ଛୋଟ ବିଲ ଅଛି ( ସୂର୍ଯ୍ୟ )

୧୨୫ ସତୁ ମରୁ ପଜକାଜରୁ ( ପାଟୁକା )
ଆଜି ଜନ୍ମ କାଲି ମରଣ ( ଛତୁ )

୧୨୬ ସରୁ ସରୁ ବାଙ୍କିଆ ଗୁରୁ ( ନେଡି )
ସରୁ ସରୁ ବାଙ୍କିଆ ଗୁରୁ ( ତେନ୍ତୁଳି )

୧୨୭ ସାଜେ ଦୁଃହୁଦି ତୁହେ ତୁହେ ବାଇ ଦୁଃଦି ( କଙ୍ଗାଙ୍ଗା )
ଛାଡ଼ି ଛାଡ଼ି ଯାଉଥିବ, ଛାଡ଼ି ଛାଡ଼ି ଆସୁଥିବ ( ପାଦଚିହ୍ନ )

୧୨୮ ସାଜେ ମାସେକା ବାଏ ମାନେଞ୍ଜୁ ( ପାଟକା )
ପାଟିରେ ଅସାଇ ବସିଛି ( ଦାନ୍ତ )

୧୨୯ ସାପକା ମ୍ରାଃନୁ ତାନି ସାପକା ସିଆଙ୍ଗା ନେଙ୍ଗୁ (ବାଙ୍ଗେଣି)
କଣ୍ଟା ଗଛରେ କଣ୍ଟାଫଳ ( ବାଇଗଣ)

୧୩୦ ସାରିଟା କ୍ରାଣ୍ଡାଙ୍ଗା ରଣ୍ଡେନେ କାଡୁ ( ସିରକୁସା )
ଚାରିଟା ଜଂଘ ଗୋଟିଏ ଗୋଡ଼ ( ସୁଣୁସଣିଆ ଶାଗ )

୧୩୧ ସାରି ଲକୁ ତାକା ବିପ୍‌କି ବିପ୍‌କି ସାଇନେରୁ ( କାଟେ )
ଚାରି ଲୋକ ମରାମରି ହେଉଛନ୍ତି ( ଖଟ )

୧୩୨ ସାରିଲକୁ ଲାଆ ସାକାର ଡାଙ୍ଗାଣିଡୁ ସାନୁ (ଜୁଏଲି କିଲାଙ୍ଗା)
ଚାରିଜଣ ଯୁବତୀ ଝିଅ ଧାଙ୍ଗିଡି ଘରେ ଶୋଇଛନ୍ତି । ( ଯୁଆଳି କୀଳା )

୧୩୩ ସିଗଡ଼ା ବଗଡ଼ା ସାଙ୍ଗ ବେପିନେ, କୁପୁଲି ଏନ୍ତା ଏଦ୍‌କିନେ
(ସେଣ୍ଡଟିସିରୁ ଦିଆନା ପେଣା ଆଇନେ )
ଚଞ୍ଚଳିଆ ବଜାଏ ଚାଙ୍ଗୁ, କୁବୁଜି ଦେଖାଏ ରଙ୍ଗ
( ଉପରୁ ପାଣି ପଡ଼ି ଫେଣ ହେବା )

୧୩୪ ସିତାଗୁଡା ତାନି ପାନାରଁଅ ରଅଁ ଅନା ସଲବିନେ ( ସିରେଣି)
ଖଜୁରୀ ବୁଦାରେ ବେଙ୍ଗ ପଶୁଛି ( ପାନିଆଁ )

୧୩୫ ସିଧା ବାଡ଼ିଆନେ
ସେଣ୍ଟଟି ଆଗେ ଆଗେ ବାନେ ( ସାରତା ମ୍ରାହୁଣ୍ଡି )
ସିଧା ବାଡ଼ି ଅଛି, ଉପରୁ ଫଳି ଫଳି ଆସୁଛି ( ସଲପ ଗଛ )

୧୩୬ ସୁକୁସୁକୁ ଶୁକୁନ୍ତଲା
ମାଦେମାନେ ଡ଼ିବିଡ଼ଲା
ବେତଡ଼ି ମାନେ ବିଟଙ୍ଗ କିଲା ( ପାଜି )
ସୁକୁସୁକୁ ଶୁକୁନ୍ତଳା ।
ମଝିରେ ଅଛି ବିରାଟ ତୋଲ
ପଛରେ ଖଞ୍ଜିଛି ଲୁହାବଳା ( ଘୁଷୁରୀ )

୧୩୭ ସୃଟୁପୁ, ବିରା ତିସେ ରପୁ ରପୁ ( ଇର୍ପିପୁଙ୍ଗୁ )
ଘିରି ଘିରି ଟପ, ମାଟି ଖାଇଲା ରପ ( ମହୁଲ ଫୁଲ )

୧୩୮ ସୁଡାତାନି ମିନୁ ବ୍ଲଅବ୍ଲଅ ଇଞ୍ଜିନେ ( ବାଙ୍ଗସି )
ପାଟିରେ ମାଛ କଳ କଳ କରୁଛି ( ଜିଭ )

୧୩୯ ସୁନ ଇଡୁତାନି ଦାରା ସିଡେ ( ବାଟା )
ତୁନ ଘରେ ଦ୍ୱାର ନାହିଁ ( ଅଣ୍ଡା )

୧୪୦ ସେଣ୍ଡମାନ କରଡ ପତି
ତିନିଟା କାନ୍ଙ୍ଗା ମ୍ଲିପ୍ଲାନାତି ( ନଣିଆ )
ଉପରେ ଅଛି କଇରା ପତ୍ର,
ତାହାର ତିନିଟା ଆକ୍ଷି ( ନଡିଆ )

୧୪୧ ସେଣ୍ଡସାତା, ନେଡେ ମୁତା ( ସାପକା ମ୍ରାନୁ )

ଉପରେ ଛତା, ତଳେ ଲୋଟା ( ସାରୁଗଛ )

୧୪୨ ସେଣ୍ଡ ସୁଗା, ନେଡେ କାକାଙ୍ଗା (ସାରଡା କାଲୁ ଉନା )

ଉପରେ ଚୁଆଁ ତଳେ କୁଆପଲ ( ସଇପରସ ଖାଇବା )

୧୪୩ ସେଣା ବେଗ୍ଞ୍ଜୁ କେଙ୍ଗଣି ( ନାଙ୍ଗେଲି )

ସିଧା କାଠ ବଙ୍କା ( ଲଙ୍ଗଳ )

## କୁଟିଆ କନ୍ଧ ପହଲି ( କେରକଣ୍ଡି )

୧. ଅଃ ସରୁତା ଦ୍ରାଞ୍ଜେଲି ତାକିନେ ( ଲାଞ୍ଜି )
ସେ ପର୍ବତ ଉପରେ ଜୁଳୁ ଜୁଳିଆ ପୋକ ବୁଲୁଛି ( ଚନ୍ଦ୍ର )

୨. ଅଃ ସରୁତା କ୍ରେଟିଙ୍ଗା ଆଗେନବା ଅଃମାରାଜା
କାତା କ୍ରେଟିଙ୍ଗି ମାଡା ଆଗେନ ( ଲରାଡାଙ୍ଗା )
ସେଇ ଗଛ ଉପରେ ଅନକା ଲମ୍ବା ଲମ୍ବା ହୋଇ ପଡିଛି । ( ମାଙ୍କଡ଼ ଲାଞ୍ଜ

୩. ଡାଲିଦେ ସିର୍ନି ବୁର୍କୁଡ଼ିମିଲା କାଦେ ରାଙ୍ଗା
ମାରାନାଆଃ (ରଙ୍କେଣି)
ମାଆ ଅସୁନ୍ଦର, ପୁଅଝିଅ ସୁନ୍ଦର ( ଲଙ୍କା ମରିଚ )

୪. ଏରାଃ ଜଡ଼ି ଗ୍ରିଙ୍ଗାଙ୍ଗା ବେଡ଼୍ଦେ ( ଜାମ୍ବ )
ନଦୀ ସାରା କୋଇଲାରେ ପରିପୂର୍ଣ୍ଣ ( ଜାମୁ କୋଳି )

୫. କାଡ଼ିନି କଡ଼ି ସିନ୍ଦା ଡିଞ୍ଜିନେ ( ଗାଡ୍ରା )
କଳାଗାଇ ଘାସ ଖାଉଛି ( ଦାଆ )

୬. ଏରା ଢୋଡ଼ି ପକଲା କସ୍କା
କକଡ ଅପିସିଇନ ( ତାଡ଼େ ବାଡ଼ାଙ୍ଗା )
ନଦୀ ଚାରି ପାଖେ କୁକୁଡ଼ା କାହୁଛି ( କଦଳୀ କାନ୍ଧି )

୭. ମାବଜ କା ପାଟାଙ୍ଗା କପ୍କେନ୍ ( ବେଲାଙ୍ଗାଆଃ )
ଗଛ ଉପରେ ଚଢ଼େଇମାନେ ବସିଛନ୍ତି ( ବେଲ )

୮. ଡାଲିଣି କପ୍ଲି ସିଡ଼ି କଡି ସିମିଲକା ଦେଞ୍ଜା ଲାଇନ(ସୁକାଙ୍ଗା
ମାଆର ଖୋସା ଖୋଲିଲେ ପିଲାମାନେ ବାହାରୁଛନ୍ତି ( ତାରା )

ବାଣୀପୁଞ୍ଜର ଯାଗଯଜ୍ଞ ଅଭିଯାନ
ପୁଣ୍ୟବାଣୀ